ଧରିତ୍ରୀ
DHARITRI
March 10-16, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ




ପ୍ରଚ୍ଛଦ ପ୍ରସଙ୍ଗ

୩

## ଓଡ଼ିଶାରେ ଡ୍ରାଗନ୍ ଫ୍ରୁଟ୍

ଡ୍ରାଗନ୍ ଫ୍ରୁଟ୍ ଦିନେ ପରିଚିତ ଥିଲା ବିଦେଶୀ ଫଳ ଭାବେ। ହେଲେ ଏହାର ସ୍ୱାସ୍ଥ୍ୟଗତ ଗୁଣ ଆକୃଷ୍ଟ କରିଛି ଏବେ ଓଡ଼ିଶା ଚାଷୀଙ୍କୁ...



## ସ୍ୱାସ୍ଥ୍ୟୋପଯୋଗୀ ଧନିଆ ପତ୍ର

ଧନିଆ ପତ୍ରକୁ ସାଲାଡ୍ ହେଉ କି ଯେକୌଣସି ତରକାରୀରେ ପକାଇଲେ ଖାଦ୍ୟର ମହକ ସହ ସ୍ୱାଦ ବଢିଥାଏ। ଏହାର ଚଟଣି ବି ବେଶ୍ ସୁଆଦିଆ। ବିଭିନ୍ନ ପ୍ରକାର ଭିଟାମିନ୍ସ, ମିନେରାଲ୍ସ ତଥା ପ୍ରୋଟିନ୍‌ରେ ଭରା ଏହି ଧନିଆ ପତ୍ରକୁ ଶୀତଦିନ ହେଉ କି ଖରାଦିନେ ସବୁବେଳେ ଖାଇହୁଏ। କାରଣ ଏଥିରେ ଭରି ରହିଛି ଅନେକ ସ୍ୱାସ୍ଥ୍ୟୋପଯୋଗୀ ଗୁଣ...

* ପାଚନଶକ୍ତିକୁ ସକ୍ରିୟ କରିବାରେ ଧନିଆ ପତ୍ରର ରହିଛି ଅନେକ ଅବଦାନ। ମୁଖ୍ୟତଃ ଛାଛ୍‌ରେ ସତେଜ ଧନିଆ ପତ୍ରରୁ କିଛି ମିଶାଇ ପିଇଲେ ବଦହଜମୀ, ବାନ୍ତି ସମସ୍ୟା ତଥା ଗ୍ୟାସ ଯୋଗୁ ହେଉଥିବା ପେଟମୋଡାରୁ କେତେକାଂଶରେ



ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି।

*ପ୍ରତିଦିନ ସକାଳେ ଖାଲିପେଟରେ ଧନିଆ ପତ୍ରର ଜୁସ୍ ପିଇଲେ ଶରୀରର ଓଜନ କମିବାରେ ବି ଅନେକ ସାହାଯ୍ୟ ମିଳିଥାଏ।

* ପାଣି କମ୍ ପିଇବା ଯୋଗୁ ପରିସ୍ରା ଜଳାପୋଡା ହେଉଥିଲେ ଧନିଆ ପତ୍ରର ଚଟଣି ହେଉ କିମ୍ବା ଶୁଖିଲା ଧନିଆରୁ କିଛି ଖାଇଦେଲେ ଏ ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।

* ଏଥିରେ ମୁଖ୍ୟତଃ ଭିଟାମିନ୍ ଏ ଓ ସି ରହୁଥିବାରୁ ଏହାକୁ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ମଜଭୁତ୍ ହୋଇଥାଏ। ନିୟମିତ ଖାଇବା ଦ୍ୱାରା ଥଣ୍ଡା, କାଶରୁ ବି କେତେକାଂଶରେ ମୁକ୍ତି ମିଳେ।

* ଡାଇବେଟିସ୍ ରୋଗୀଙ୍କ ପାଇଁ ଧନିଆ ପତ୍ର ଖାଇବା ବେଶ୍ ଉପକାରୀ। ଏହା ଶରୀରରେ ସୁଗାର୍ ଲେଭଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରିଥାଏ।

* ଭୋକ ବଢାଇବା ପାଇଁ ବି ଧନିଆ ପତ୍ରକୁ ଖାଦ୍ୟରେ ବ୍ୟବହାର କରାଯାଇପାରେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୦-୧୬

**ମେଷ** – ଶାରୀରିକ ସୁସ୍ଥତା, ବୈଷୟିକ ଅଭିବୃଦ୍ଧି, ପାରିବାରିକ ଶାନ୍ତି, ବନ୍ଧୁଙ୍କ ସାହାଯ୍ୟ, ଉତ୍ସାହିତ ରହିବେ, ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତ୍ରଣ, ଦୂରଯାତ୍ରା କରିପାରନ୍ତି, ରାଜନୈତିକ ଆଲୋଚନା, ବାଣିଜ୍ୟରେ ପ୍ରତିବନ୍ଧକ, ସ୍ୱଜନ ଶତ୍ରୁତା ॥

**ବୃଷ** – କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ଶତ୍ରୁତାରୁ କାର୍ଯ୍ୟହାନୀ, ଭୁଲ୍ ବୁଝାମଣାରୁ ଅଶାନ୍ତି, ପାରିବାରିକ ଦ୍ୱନ୍ଦ୍ୱ, ବନ୍ଧୁଙ୍କ ଇର୍ଷାପରାୟଣତା, ପ୍ରଶାସନିକସ୍ତରରେ ସମସ୍ୟା, ଋଣଗ୍ରସ୍ତ ହୋଇପାରନ୍ତି, ବ୍ୟବସାୟରେ କ୍ଷତି, ଯାତ୍ରାରେ ପ୍ରତିବନ୍ଧକ ॥

**ମିଥୁନ** – ମାନସିକ ଦ୍ୱନ୍ଦ୍ୱ, ଅପ୍ରିୟସତ୍ୟ କଥାରୁ କଳହ, ଭ୍ରାତୃ ବିବାଦର ସମାଧାନ, ଗୃହନିର୍ମାଣର ଶେଷପର୍ଯ୍ୟାୟ, ବାଣିଜ୍ୟରେ ପ୍ରତିବନ୍ଧକ, ସଭାସମିତିରୁ ପ୍ରଶଂସା, ଶତ୍ରୁ ଉପଦ୍ରବ ହ୍ରାସ, ମୂଲ୍ୟବାନ ଦ୍ରବ୍ୟଲାଭ।

**କର୍କଟ** – ଦୁଃସାହସିକ ପଦକ୍ଷେପ, ଅର୍ଥନୈତିକ ଅଭିବୃଦ୍ଧି, ବନ୍ଧୁଗୃହକୁ ଯାତ୍ରା, ଆନୁଷ୍ଠାନିକ କାର୍ଯ୍ୟବ୍ୟସ୍ତତା, ବାସ୍ତବଧର୍ମୀ ଯୋଜନା, ଯୋଗସାଧନାରେ ରୁଚି, ନୂତନବନ୍ଧୁ ସମ୍ପର୍କ, ଧର୍ମକାର୍ଯ୍ୟ କରିବେ ॥

**ସିଂହ** – କର୍ମକ୍ଷେତ୍ରରେ ଗୌରବ, ପଦସ୍ଥବ୍ୟକ୍ତିଙ୍କ ସାନିଧ୍ୟ, ବନ୍ଧୁମିଳନରୁ ଆନନ୍ଦ, ନୂତନ ମିତ୍ର ଲାଭ, ସଭାସମିତିରେ ସମ୍ମାନ, ଆର୍ଥିକ ପ୍ରଗତି, ଟେନସନ୍ କମିଯିବ, ମନୋରଞ୍ଜନ କାର୍ଯ୍ୟରେ ରୁଚି, ଭ୍ରାତୃବିବାଦରୁ ଅଶାନ୍ତି ॥

**କନ୍ୟା** – କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଅର୍ଥସଂକଟରୁ ମନସ୍ତାପ, ଦୂରଯାତ୍ରାରେ ସଫଳତା, ସମ୍ପର୍କୀୟଙ୍କ ସାହାଯ୍ୟ, ଭ୍ରମଣସୁଯୋଗ ପାଇବେ, ସମସ୍ୟାର ସମାଧାନ, ବନ୍ଧୁ ସହ କଳହ, ପରୋକ୍ଷ ଶତ୍ରୁତାର ଆଶଙ୍କା, ମଙ୍ଗଳୋତ୍ସବର ଯୋଜନା, ଜମିଜମା କାରବାରରେ ଉନ୍ନତି।

**ତୁଳା** – ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥସଂକଟ, କାମସ୍ଥଗିତ ରହିପାରେ, କର୍ମକ୍ଷେତ୍ରର ବ୍ୟସ୍ତତା, ଧର୍ମାନୁଷ୍ଠାନରେ ସହଯୋଗ, ମନୋବଳ ବୃଦ୍ଧି, ଆଶା ପୂରଣ ହେବ, ଦୂରଯାତ୍ରା ସଫଳ ହେବ, ମିତ୍ରବନ୍ଧୁ ମିଳନ, ପରିବାରରେ ଭୁଲ୍ ବୁଝାମଣା।

**ବିଛା** – କାର୍ଯ୍ୟରେ ବାଧାବିଘ୍ନ, ବନ୍ଧୁଙ୍କ ସାହାଯ୍ୟ, ସ୍ୱାସ୍ଥ୍ୟରେ ପରିବର୍ତ୍ତନ, ପ୍ରକାଶନରେ ବିଳମ୍ବ, ପ୍ରଶାସନିକ ସଫଳତା, ସାହିତ୍ୟକୃତିରୁ ପୁରସ୍କାର, ସମ୍ପର୍କୀୟଙ୍କ ଅପପ୍ରଚାର, ନୂତନ ମିତ୍ରତା ବୃଦ୍ଧି, ତୀର୍ଥାଟନ କରିପାରନ୍ତି ॥

**ଧନୁ** – ଦୁର୍ବଳତା ଦୂର ହେବ, କାମରେ ଯୋଗ ଦେବେ, ଯାତ୍ରାରେ ସଫଳତା, ସମସ୍ୟା ସମାଧାନ। ଅର୍ଥନୈତିକ ଅଭିବୃଦ୍ଧି, ଅବରୋଧ ଦୂରେଇଯିବ, କଳାରେ ଉତ୍କର୍ଷତା, କ୍ରୀଡାରେ ସଫଳତା, ପଡୋଶୀଙ୍କ ପ୍ରତିବାଦ, ତର୍କ ବିବାଦ ବୃଦ୍ଧି, ମନ ଭାରାକ୍ରାନ୍ତ ରହିବ ॥


**ମକର** – କର୍ମଦକ୍ଷତାରୁ ପ୍ରଶଂସା, ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟ, ସାମାଜିକ ସମ୍ମାନ, ଧନହାନୀରୁ ମନସ୍ତାପ, ଯାନବାହନ ଲାଭ, ବନ୍ଧୁଙ୍କ ବିରୁଦ୍ଧାଚରଣ, ସରକାରୀ ସାହାଯ୍ୟ, ସମ୍ପର୍କ ହ୍ରାସ ପାଇବ, ନେତୃତ୍ୱରୁ ପ୍ରଶଂସା, ଜମିଜମା ଲାଭ, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ** – ସୁଯୋଗ ହାତଛଡା ହୋଇପାରେ, ମାନସିକ ଶାନ୍ତି ବ୍ୟାହତ, ହିତୈଷୀଙ୍କ ପରାମର୍ଶ, ବନ୍ଧୁଙ୍କ ବଦାନ୍ୟତା, ଟେନସନ୍ କମିଯିବ, ଶୁଭ ଖବରପ୍ରାପ୍ତି, ଅନିଦ୍ରା ଜନିତ ପୀଡା, ପାରିବାରିକ ସଦ୍‌ଭାବ, ଋଣ ପରିଶୋଧ, ସ୍ତ୍ରୀଙ୍କ ସହଯୋଗ, ପ୍ରଶାସନିକ ସଫଳତା ॥

**ମୀନ** – ମାନସିକ ଦ୍ୱନ୍ଦ୍ୱର ଅବସାନ, କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ମୂଲ୍ୟବାନ ଜିନିଷ କିଣିବେ, ଗୃହସଜ୍ଜା ପ୍ରତି ଆଗ୍ରହ, ନୂଆ ସମ୍ପର୍କ ଯୋଡିବେ, ବାଣିଜ୍ୟରେ ଉନ୍ନତି, ସନ୍ଦେହରୁ ଅସ୍ଥିରତା, ଯାତ୍ରାରେ ସଫଳତା ମିଳିବ, ମନୋରଞ୍ଜନରେ ରୁଚି, ସନ୍ତାନ ହେତୁକ ଗୌରବ, ଆରୋଗ୍ୟ ଲାଭ।

# ଅସମୟରେ ଚୁଟି ପାଚୁଥିଲେ

ଖରାପ ଲାଇଫ୍‌ଷ୍ଟାଇଲ୍ ହେଉ ଅଥବା ଖାଦ୍ୟପେୟରେ ସନ୍ତୁଳନ ନ ରହିବା ଯୋଗୁ କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଏ ତାହା ନୁହେଁ, ଏହାର ଅନେକ କୁପ୍ରଭାବ ଆମର ତ୍ୱଚା ଏବଂ ଚୁଟି ଉପରେ ପଡିଥାଏ। ଯେମିତି କି ତ୍ୱଚାରେ ବ୍ରଣ, କଳାଦାଗ ଦେଖାଯିବା ଅଥବା ଶୀଘ୍ର ରିଙ୍କିଲ୍ସ ଆସିଯିବା। ସେହିପରି ଅସମୟରେ ଚୁଟି ପାଚିବା ସମସ୍ୟା ବି କେତେକଙ୍କଠାରେ ଦେଖାଯାଇଥାଏ। ତେବେ ଶୀଘ୍ର ଚୁଟି ପାଚିବା ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ କିଛିଟା ଉପକାରୀ ଟିପ୍ସ ଉପରେ ଧ୍ୟାନ ଦେବାକୁ ହୋଇଥାଏ। ଯେମିତି କି ପ୍ରତିଦିନର ଖାଦ୍ୟ ତାଲିକାରେ ଅଣ୍ଡାକୁ ସାମିଲ କରିବା। ପ୍ରତି ୧୫ ଦିନକୁ ଥରେ ଦହି ଓ ଅଣ୍ଡାକୁ ମିଶାଇ ଚୁଟିରେ ଲଗାଇବା। ଏହି ମିଶ୍ରଣ ଉପକାରୀ ହୋମ୍‌ମେଡ୍ ହେୟାର୍ ମାସ୍କର କାମ କରିଥାଏ; ଯାହା ଚୁଟିକୁ ପ୍ରୋଟିନ୍ ପ୍ରଦାନ କରେ। କୁହାଯାଏ, ଚୁଟିରେ ପ୍ରୋଟିନ୍ କମ୍ ହେଲେ ବି ଅସମୟରେ ଏହା ପାଚିଯାଇଥାଏ। ସେହିପରି କଳା ରାଶିକୁ ରାତିସାରା ନଡିଆ ତେଲରେ ଭିଜାଇ ସକାଳେ ରାଶିକୁ ବାହାର କରି



ସେହି ତେଲକୁ ଚୁଟିରେ ଲଗାଇଲେ ଏହି ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ମିଳିଥାଏ। ପିଆଜ ରସକୁ ପଇଡ ପାଣିରେ ମିଶାଇ ଚୁଟିରେ କିଛି ସମୟ ଲଗାଇଲା ପରେ ଚୁଟିକୁ ଭଲ ଭାବେ ସଫା କରିଦେବେ। କିଛି ଦିନ ଏମିତି କଲେ ଚୁଟି ଘନ, ଲମ୍ବା ହେବା ସହ ଶୀଘ୍ର ପାଚି ନ ଥାଏ ବୋଲି ବ୍ୟୁଟିସିଆନ୍‌ମାନେ ମତ ଦେଇଥାନ୍ତି।

## ପାଠକୀୟ

* ପିଲାଦିନ ଧୂଳିଖେଳ; ଯାହାର ସ୍ମୃତି ସହଜରେ ପାସୋରି ହୁଏନା। ବ୍ୟସ୍ତମୟ ଜୀବନ ଭିତରେ ବି ପିଲାଦିନ କଥା ପଚାରିଦେଲେ ଆନମନା ହୋଇ ବଖାଣି ବସନ୍ତି କେତେ ଜଣ। କିନ୍ତୁ ଏଭଳି ମିଠା ଅନୁଭବର କଥା ଆମ ପିଲାଙ୍କ ଭିତରେ ଯେ କେତେ ରହିବ, ସେକଥା ସତରେ ପ୍ରଶ୍ନବାଚୀ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପିଲାବେଳ ଧୂଳିଖେଳ'ଟି ବେଶ୍ ମନଛୁଆଁ ହୋଇଥିଲା। 'ମୟୂରପୁଚ୍ଛକୁ ନେଇ ବାସ୍ତୁ ଉପଚାର', 'ସ୍ୱାସ୍ଥ୍ୟ ଓ ସୌଭାଗ୍ୟ ପାଇଁ ଲୁଣ' ଆଦି ପାଠ ତଥ୍ୟପୂର୍ଣ୍ଣ ଥିଲା।

*– ସରୋଜିନୀ ଧଳ, ଡୁମୁଡୁମା, ଭୁବନେଶ୍ୱର*

* ପିଲାଦିନ! କେବେ ଭୁଲି ହେଉ ନ ଥିବା ଅଭୁଲା ଦିନ। ଆଜି ଆମ ପିଲା ଖେଳୁଛନ୍ତି ସତ, କିନ୍ତୁ ନିୟମରେ ବାନ୍ଧିହୋଇ। ମନଇଚ୍ଛା ଖେଳିବାର ସ୍ୱାଧୀନତା ଟିକକ ତାଙ୍କର ଛଡେଇ ନେଇଛି ସମୟ। ଆଉ ଯାହା ଥିଲା ଛଡେଇ ନେଲା ଟେକ୍ନୋଲୋଜି। କିନ୍ତୁ ଏବେ ବି କିଛି ଲୋକଙ୍କ ମନରେ ତାଙ୍କ ପିଲାଦିନର ମିଠା ମିଠା ସ୍ମୃତି ବେଶ୍ ସତେଜ ହୋଇ ରହିଛି; ଯାହାକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପିଲାବେଳ, ଧୂଳିଖେଳ'ଟି ବେଶ୍ ହୃଦୟଛୁଆଁ ହୋଇପାରିଥିଲା। ସେଲିବ୍ରିଟି ସିକ୍ରେଟ୍‌ରୁ ଅଭିନେତ୍ରୀ ତମନ୍ନା ବ୍ୟାସ୍‌ଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ଶ୍ରଦ୍ଧାଞ୍ଜଳି ମିଶ୍ର, ସାତଶଙ୍ଖ, ପୁରୀ*

* ବ୍ୟକ୍ତିତ୍ୱ ପୃଷ୍ଠାରୁ ସଫଳ ନାଟ୍ୟକାର, ସଂଳାପକାର, ଅଭିନେତା, ନିର୍ଦ୍ଦେଶକ, ପ୍ରଶିକ୍ଷକ ତଥା ସିନେମା ନିର୍ମାତା ନାରାୟଣ ପତିଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଅନୁମତି' ଶୀର୍ଷକ ଗପଟି ବି ବେଶ୍ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି 'କ୍ରାଇମ୍ ସିରିଜରେ ଆଲିୟା', 'ଖେଳପ୍ରିୟ ରକୁଲ୍', 'ଏବେ ବି ମନେପଡେ' ଆଦି ପାଠଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଥିଲା। ଶିକ୍ଷାବିତ୍ ତଥା ଲେଖକ ଡ.କିଶୋର ଚନ୍ଦ୍ର ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା।

*– ଅଜିତ୍ ତ୍ରିପାଠୀ, ମୟୂରଭଞ୍ଜ*

* ପ୍ରେମ ଓ ପ୍ରଣୟର କବି ପଦ୍ମଶ୍ରୀ ଡକ୍ଟର ମାୟାଧର ମାନସିଂହଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଏଥରର ଛୁଟିଦିନରୁ ପଢିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ରୂପାଲୀ ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସହର ପୃଷ୍ଠାରୁ ବାରିପଦାର ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ପୁଷ୍ପଲତା ଦାସ, ଝାରସୁଗୁଡ଼ା*

### ବିଶେଷ ଚିଠି



ପିଲାବେଳ ଧୂଳିଖେଳକୁ ନେଇ
ଥିଲା ଏଥରର ପ୍ରଚ୍ଛଦ।
ଶିଖାଇଲା ନୂଆ ନୂଆ କଥା
ମନେ ଭରି ଆନନ୍ଦ।
ସୃଜନ ପୃଷ୍ଠାର ଗପ, କବିତା
ଲାଗୁଥିଲା ଭାରି ନିଆରା,
ତମନ୍ନା ବ୍ୟାସ୍‌ଙ୍କ ଇଣ୍ଟରଭ୍ୟୁ ବି
ହୋଇଥିଲା ବଡ଼ ଚମତ୍କାର।
ସେଥିପାଇଁ ହେ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ନୂତନ ନୂତନ।

*– ପ୍ରତ୍ୟୁଷ ବିଶ୍ୱାଳ, ସମ୍ବଲପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ଓଡ଼ିଶାରେ ଡ୍ରାଗନ୍ ଫ୍ରୁଟ୍

ଡ୍ରାଗନ୍ ଫ୍ରୁଟ୍; ଯାହା ଦିନେ ଭିଏତ୍ନାମ, ମାଲେସିଆ, ଥାଇଲାଣ୍ଡ, ଫିଲିପାଇନ୍ସ ତଥା ଆମେରିକା ଭଳି ଦେଶରେ ଚାଷ କରାଯାଉଥିଲା । ଆଉ ଯାହାକୁ ଦିନେ ଲୋକେ ବିଦେଶୀ ଫଳ ବୋଲି କହୁଥିଲେ । ହେଲେ ଧୀରେ ଧୀରେ ସମୟ ବଦଳିବା ସହ ଲୋକଙ୍କ ଚିନ୍ତାଧାରାରେ ଆସିଲା ପରିବର୍ତ୍ତନ । ଏହାର ସ୍ୱାସ୍ଥ୍ୟଗତ ଗୁଣ ଏବଂ ଚାଷ କରିବାର ପ୍ରଣାଳୀ ବିଷୟରେ ଅବଗତ ହୋଇ କ୍ରମେ ଏହି ଚାଷକୁ କେବଳ ଭାରତରେ ନୁହେଁ ଓଡିଶାର ଲୋକେ ବି ଆପଣେଇଲେ ଆଉ ସେଥିରେ ସଫଳ ମଧ୍ୟ ହେଲେ । ଓଡ଼ିଶାରେ ଡ୍ରାଗନ୍ ଫ୍ରୁଟ୍ ଚାଷ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ସେମିତି କେତେଜଣ ବ୍ୟକ୍ତିଙ୍କୁ ନେଇ ଏଥରର ଏହି ପ୍ରଚ୍ଛଦ...

## ଇଞ୍ଜିନିୟରରୁ ସଫଳ ଡ୍ରାଗନ୍ ଫ୍ରୁଟ୍ ଚାଷୀ

**ଶୁଭାଶିଷ ବେରା ।** ଘର ତାଙ୍କର ପଶ୍ଚିମବଙ୍ଗରେ । ଦିନେ ସେ ମେକାନିକାଲ ଇଞ୍ଜିନିୟର ଭାବେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ । ଚାକିରି ପାଇଁ ତାଙ୍କୁ ବିଭିନ୍ନ ସ୍ଥାନ ଟୁର୍‌ରେ ଯିବାକୁ ପଡୁଥିଲା । ତଥାପି ବ୍ୟସ୍ତମୟ ଜୀବନ ଭିତରେ ଯେବେ ବି ଟିକେ ଫୁର୍‌ସତ୍ ପାଉଥିଲେ ଗଛ ଲଗାଇବା ଓ ତା'ର ଯତ୍ନ ନେବାରେ ନିଜକୁ ହଜାଇ ଦେଉଥିଲେ । ଗଛ ପ୍ରତି ତାଙ୍କର ଦୁର୍ବଳତା ପିଲାଟିବେଳୁ ଥିଲା । ଚାଷବାସ କରିବାକୁ ମନ ବଳାଉଥିଲେ ବି ଜାଗା ଅଭାବରୁ କରିପାରୁ ନ ଥିଲେ । ଯେବେଠୁ ଚାକିରି କଲେ ସେବେଠୁ ନିଷ୍ପତ୍ତି ନେଇଥିଲେ ଯଦି କେବେ ସମ୍ଭବ ହୁଏ, ତା'ହେଲେ କେଉଁଠି ଜାଗା କିଣି ସେଠାରେ କିଛି ନା କିଛି ଚାଷ କରିବେ । ତାଙ୍କୁ ଏହି ସୁଯୋଗ ୨୦୧୬ରେ ମିଳିଲା । ଶୁଭାଶିଷଙ୍କ ଧର୍ମପତ୍ନୀଙ୍କର ଜଣେ ମାମୁ ଦେବାଶିଷ ଦାସ ; ଯିଏକି ବାଲେଶ୍ୱରରେ ରହୁଥିଲେ । ସେ ଶୁଭାଶିଷଙ୍କୁ ଜଣାଇଲେ ଯେ, ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଜୁଆଳିଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁରର ମାଇଗାଁ ନାମକ ଏକ ଅଞ୍ଚଳରେ ପ୍ରାୟ ୨୦ ଏକର ପଡ଼ିଆ ଜମି ଅଛି ; ଯାହାକୁ ସେ ଚାହିଁଲେ କିଣିପାରିବେ । ଶୁଭାଶିଷ ସବୁକଥା ଭଲଭାବେ ବୁଝାବୁଝି କରି ଶେଷରେ ସେ ଜମିଟିକୁ କିଣିଥିଲେ । କିନ୍ତୁ ଏତେବଡ଼ ଜମିରେ କ'ଣ ଚାଷ କଲେ ଭଲ ହେବ ସେନେଇ ଅନେକ ତର୍ଜମା କଲେ । ୟୁ ଟ୍ୟୁବ୍‌ରେ ଅନେକ ସଫଳ ଚାଷୀଙ୍କ କାହାଣୀ ମଧ୍ୟ ଦେଖିଲେ । ଦିନେ ୟୁ ଟ୍ୟୁବ୍‌ରୁ ଜାଣିବାକୁ ପାଇଲେ ତେଲଙ୍ଗାନାର ଜଣେ ବ୍ୟକ୍ତି ଡ୍ରାଗନ୍ ଫ୍ରୁଟ୍ ଚାଷକରି କେମିତି ସଫଳ ହୋଇ ବେଶ୍ ନାଁ କମାଇ ପାରିଛନ୍ତି । ଆଉ ସବୁଠୁ ଖୁସିର କଥା ଥିଲା, ସେହି ବ୍ୟକ୍ତି ଜଣଙ୍କ ଯେଉଁ ଧରଣର ଜମିରେ ଏହି ଚାଷକରି ସଫଳ ହୋଇଥିଲେ ଶୁଭାଶିଷ କିଣିଥିବା ଜମିର କ୍ୱାଲିଟି ବି ଠିକ୍ ସେୟା ହିଁ ଥିଲା । ତେଣୁ ଶୁଭାଶିଷ ଦୃଢ଼ ନିଷ୍ପତ୍ତି ନେଲେ ଡ୍ରାଗନ୍ ଫ୍ରୁଟ୍ ଚାଷ କରିବା ପାଇଁ । ହେଲେ ତା'ପୂର୍ବରୁ ଏହି ଚାଷ ପାଇଁ ଅଧିକ ତଥ୍ୟ ଜାଣିବାକୁ ସେ ତେଲଙ୍ଗାନା ଯାଇ ଉକ୍ତ ବ୍ୟକ୍ତିଙ୍କୁ ଦେଖାକଲେ । ଆଉ ତାଙ୍କଠାରୁ ସବୁକଥା ବୁଝି ୨୦୨୦ ମସିହା ଜାନୁଆରୀରେ ପ୍ରଥମେ ପରୀକ୍ଷଣ ସ୍ୱରୂପ ମାତ୍ର ୨ ଏକର ଜମିରେ ଡ୍ରାଗନ୍ ଫ୍ରୁଟ୍ ଚାଷ କରିବାକୁ ଅଣ୍ଟା ଭିଡ଼ିଲେ । ନୂଆକରି ଚାଷକାମ ଆରମ୍ଭ କରିଥିବାରୁ ଏଥିପାଇଁ ଟିକେ ଅଧିକ ସମୟ ଦେବାକୁ ପଡ଼ିଲା, ଯେଉଁଥିପାଇଁ ସେ ବାଧ୍ୟହୋଇ ଚାକିରି ଛାଡ଼ିଦେଲେ ଆଉ ଚାଷରେ ସମ୍ପୂର୍ଣ୍ଣ ମନୋନିବେଶ କଲେ । ପ୍ରଥମେ ୨ ଏକର ଜମିକୁ ଖୋଳାଖୋଳି କରି ଲମ୍ବା ଲମ୍ବା ଧାଡ଼ିରେ ପ୍ରାୟ ୭ରୁ ୧୦ ଫୁଟ୍ ଲେଖାଏଁ ଜାଗା ଛାଡ଼ି ଛାଡ଼ି ଗୋଟିଏ ଲେଖାଏଁ ସିମେଣ୍ଟ ପୋଲ୍ ପୋତି ଡ୍ରାଗନ୍ ଫ୍ରୁଟ୍ ଚାଷ ପାଇଁ ପ୍ରାରମ୍ଭିକ କାମ ଶେଷ କରିଦେଲେ । ପାଖାପାଖି ହଜାରରୁ ଊର୍ଦ୍ଧ୍ୱ ସିମେଣ୍ଟ ପୋଲ୍ ଏଥିପାଇଁ ତାଙ୍କୁ ଦରକାର ପଡ଼ିଥିଲା । ତା'ପରେ ତେଲଙ୍ଗାନାର ଉକ୍ତ ବ୍ୟକ୍ତିଙ୍କଠାରୁ ସେ ପ୍ରାୟ ସାଢ଼େ ଚାରି ହଜାର ଡ୍ରାଗନ୍ ଫ୍ରୁଟ୍ ଚାରା ମଗାଇଲେ । ଗୋଟେ ଚାରାକୁ ୮୫ ଟଙ୍କାରେ ତାଙ୍କୁ ସେତେବେଳେ କିଣିବାକୁ ପଡ଼ିଥିଲା । ଗୋଟିଏ ସିମେଣ୍ଟ ପୋଲ୍‌ର ୪ କଣରେ ୪ଟି ଲେଖାଏଁ ଡ୍ରାଗନ୍ ଫ୍ରୁଟ୍ ଚାରା ଲଗାଇ ସେ ଏହି ଚାଷ ଆରମ୍ଭକଲେ । ତା'ପରେ ଡ୍ରିପ୍ ଇରିଗେଶନ (ବୁନ୍ଦା ଜଳସେଚନ)ପ୍ରଣାଳୀରେ ଏହି ଚାରାରେ ପାଣିଦେବାର ସୁବିଧା କରାଇଲେ । ଡ୍ରାଗନ୍ ଫ୍ରୁଟ୍ ଚାଷ ପାଇଁ ପାଣିର ଆବଶ୍ୟକତା ତ ନିହାତି ରହିଛି ; କିନ୍ତୁ ଏହାର ମୂଳରେ ଅତ୍ୟଧିକ ପାଣି ଯେମିତି ଜମି ନ ରୁହେ ସେଥିପ୍ରତି ଧ୍ୟାନ ଦେବା ବି ଜରୁରୀ ହୋଇଥାଏ । ତେଣୁ ଏ କ୍ଷେତ୍ରରେ ଡ୍ରିପ୍ ଇରିଗେଶନ ପ୍ରଣାଳୀରେ ପାଣି ଦେବା ସୁବିଧାଜନକ ହୋଇଥାଏ । ତେବେ ଏ ସମସ୍ତ କାମ ଶୁଭାଶିଷଙ୍କୁ ନିଜେ ହିଁ ବୁଝିବାକୁ ପଡୁଥିଲା । ଅବଶ୍ୟ କାମରେ ଟିକେ ସାହାଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କୁ ବି ସେ ନିଯୁକ୍ତି ଦେଇ ତାଙ୍କୁ ତାଲିମ୍ ଦେଇଥିଲେ, ଯଦ୍ୱାରା କୌଣସି କାମ ପାଇଁ ତାଙ୍କୁ କୁଆଡ଼େ ଯିବାକୁ ହେଲେ ସେହି ଲୋକମାନେ ଯେମିତି ତାଙ୍କ ଚାଷର ତଦାରଖ କରିପାରିବେ । ତେବେ ଚାରା ଲଗାଇବାର ୭/୮ ମାସ ପରେ ଅର୍ଥାତ୍ ୨୦୨୦ ମସିହା ଅଗଷ୍ଟ/ସେପ୍ଟେମ୍ବର ବେଳକୁ ଶୁଭାଶିଷଙ୍କ ଗଛରେ କିଛିଟା ଫୁଲ ଫୁଟିବା ଆରମ୍ଭ ହେଲା । ଆଉ ଏହାର ୩୦/୩୫ ଦିନ ଭିତରେ ହାତଗଣତି କେତୋଟି ଡ୍ରାଗନ୍ ଫ୍ରୁଟ୍ ପାକଳ ହୋଇ ଲାଲ୍ ଟହଟହ ଦେଖାଗଲା ; ଯାହା ଶୁଭାଶିଷଙ୍କୁ ଖୁବ୍ ଆନନ୍ଦ ଦେଇଥିଲା । ପ୍ରଥମ ବର୍ଷ ଆଶାନୁରୂପ ଆମଦାନୀ ହୋଇ ନ ଥିଲେ ବି ସେ ଦୁଃଖ କରି ନ ଥିଲେ । ଦ୍ୱିତୀୟ ବର୍ଷ ତାଙ୍କର ଏହି ଚାଷରୁ ପ୍ରାୟ ୬/୭ ଟନ୍ ଡ୍ରାଗନ୍ ଫ୍ରୁଟ୍ ଅମଳ ହେଲା ; ଯେଉଁଥିରୁ ସେ ପ୍ରାୟ ୪/୫ ଲକ୍ଷ ଟଙ୍କା ଲାଭ ପାଇଲେ । ତା'ପରେ ସେ ଚିନ୍ତାକଲେ ଏହି ଚାଷକୁ ଆହୁରି ବଢ଼ାଇବା ପାଇଁ । ସେଥିପାଇଁ ସେ ଆଉ ୧୨ ଏକର ଜମିରେ ଡ୍ରାଗନ୍ ଫ୍ରୁଟ୍‌ର ଚାରା ଲଗାଇଲେ । ଏହି ଚାରା ତାଙ୍କୁ ଆଉ କିଣିବାକୁ ପଡ଼ିଲାନାହିଁ । ନିଜ ଜମିରୁ ସେ ଏହି ଚାରା ନିଜେ ପ୍ରସ୍ତୁତ କଲେ । ଏମିତି ଦେଖିବାକୁ ଗଲେ ଏବେ ସେ ସର୍ବମୋଟ ପ୍ରାୟ ୧୪ ଏକର ଜମିରେ ଡ୍ରାଗନ୍ ଫ୍ରୁଟ୍ ଚାଷ କରିଛନ୍ତି ଆଉ ଆଶା ରଖିଛନ୍ତି, ଏ ବର୍ଷ କୁଆଡ଼େ ତାଙ୍କର ଭଲ ଅମଳ ହେବ । ଆଉ ଯଦି ସେ ଏଥିରେ ସଫଳତା ପାଇଗଲେ ତା'ହେଲେ ଏହି ଚାଷକୁ ଆହୁରି ବଢ଼ାଇ ସ୍ଥାନୀୟ ଅଞ୍ଚଳକୁ ଭିନ୍ନ ଏକ ପରିଚୟ ଦେବେ । ସେଥିପାଇଁ ତ ସେ ମାଇଗାଁରେ ନିଜ ପାଇଁ ଏକ ଘର ତିଆରି କରିବା ସହ ସ୍ଥାନୀୟ ବାସିନ୍ଦା ବି ହୋଇଯାଇଛନ୍ତି । ତା'ସହିତ ସେ ଆଜିର ଯୁବପିଢ଼ିଙ୍କ ଉଦ୍ଦେଶ୍ୟରେ ଗୋଟେ କଥା କହିଛନ୍ତି ଯେ, 'ଚାକିରି ନ ପାଇ ଯେଉଁମାନେ ବେକାରି ସମସ୍ୟା ଦେଇ ଗତି କରୁଛନ୍ତି, ସେମାନେ ଚାହିଁଲେ ଅଳ୍ପ ଜାଗା ଓ ଅଳ୍ପ ଟଙ୍କାରେ ଏହି ଡ୍ରାଗନ୍ ଫ୍ରୁଟ୍ ଚାଷକରି ରୋଜଗାରକ୍ଷମ ହୋଇପାରିବେ । ଆଉ ଯେଉଁମାନେ ଏଥିପାଇଁ ମନ ବଳାଇବେ ସେ ମାଗଣାରେ ସେମାନଙ୍କୁ ତାଲିମ ଦେବା ପାଇଁ ସବୁବେଳେ ପ୍ରସ୍ତୁତ ରହିବେ ।'

## ଅବସରପ୍ରାପ୍ତ ବନ ଅଧିକାରୀଙ୍କ ଡ୍ରାଗନ୍ ଫ୍ରୁଟ୍ ଫାର୍ମ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପନ୍ତିଖାରୀ ଶାସନର ବାସିନ୍ଦା ହେଲେ **ସୁରେଶ ଚନ୍ଦ୍ର ହୋତା** । ୨୦୨୧ ମସିହାରେ ଉପବନ ସଂରକ୍ଷକ ଭାବେ ଚାକିରିରୁ ଅବସର ଗ୍ରହଣ କରିବା ପରେ କୃଷି କାର୍ଯ୍ୟ ପ୍ରତି ସେ ମନ ବଳାଇଲେ । ନୟାଗଡ଼-ଭଞ୍ଜନଗର ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ପଥରା ନାମକ ଏକ ସ୍ଥାନରେ ତାଙ୍କର ରହିଥିଲା ପ୍ରାୟ ୮ ଏକର ପରିମିତ ପୈତୃକ ଅନାବାଦୀ ଜମି । ଉକ୍ତ ଜମିରେ ଉଦ୍ୟାନ କୃଷି କରିବାକୁ ସେ ଅଣ୍ଟା ଭିଡିଲେ ଆଉ ନିଜ ଧର୍ମପତ୍ନୀଙ୍କ ନାମରେ 'ମମତା ନାଚୁରାଲ୍ ଫ୍ରୁଟ୍ ଫାର୍ମ' ବୋଲି ଏକ ସମନ୍ୱିତ ଉଦ୍ୟାନ ସୃଷ୍ଟି କଲେ । ଏହି ଫାର୍ମରେ ସେ ପ୍ରଥମେ ଡ୍ରାଗନ୍ ଫ୍ରୁଟ୍ ଚାଷ କରିବାକୁ ଚିନ୍ତା କଲେ । କାରଣ ୨୦୧୭ ମସିହାରେ ଅଫିସିଆଲ୍ ଟ୍ରେନିଂ

→

### ଡ୍ରାଗନ୍ ଫ୍ରୁଟ୍‌ର ଔଷଧୀୟ ଗୁଣ

ଡ୍ରାଗନ୍ ଫ୍ରୁଟ୍ ଉଭୟ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ବେଶ୍ ଉପକାରୀ ହୋଇଥାଏ । କାରଣ ଏଥିରେ ଭରି ରହିଛି ପ୍ରୋଟିନ୍, ଫାଇବର, ଆଇରନ୍, ମ୍ୟାଗନେସିୟମ୍ ତଥା ଭିଟାମିନ୍ ସି ଭଳି ଅନେକ ଗୁଣକାରୀ ତତ୍ତ୍ୱ ; ଯାହା ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ବିଶେଷ ସାହାଯ୍ୟ କରିଥାଏ । ତା'ସହିତ ଏଥିରେ ରହିଛି ଡାଇଟାରୀ ଫାଇବର୍, ; ଯାହା ଆମର ପାଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଏହି ଫଳରେ ଆଇରନ୍ ଥିବାରୁ ଏହାକୁ ଖାଇଲେ ଶରୀରରେ ରକ୍ତହୀନତା ଦେଖାଯାଏ ନାହିଁ ବୋଲି ବି ବିଶ୍ୱାସ ରହିଛି । ସେହିପରି ଏହି ଫଳକୁ ଖାଇଲେ ତ୍ୱଚାରେ ଚମକ୍ ଆସିବା ସହ କେଶ ମଧ୍ୟ ମଜଭୁତ୍ ହୋଇଥାଏ । ହାର୍ଟ ପାଇଁ ମଧ୍ୟ ଏହା ଉପକାରୀ । ଡାଇବେଟିସ୍ ରୋଗୀ ବି ଏହାକୁ ଖାଇପାରିବେ କିନ୍ତୁ କମ୍ ପରିମାଣରେ ।







ପାଇଁ ସେ ଥାଇଲାଣ୍ଡ ଯାଇଥିଲେ ; ସେଠାରେ ୨୧ ଦିନ ତାଙ୍କୁ ରହିବାକୁ ପଡ଼ିଥିଲା । ଏହି ରହଣି ଭିତରେ ସେଠାରେ ହେଉଥିବା ଡ୍ରାଗନ୍ ଫ୍ରୁଟ୍ ଚାଷ ବିଷୟରେ ସେ ଅନେକ କିଛି ଜାଣିବାକୁ ପାଇଥିଲେ । ପରେ ପରେ କରୋନା ସମୟରେ ବି ଏହି ଫ୍ରୁଟ୍‌ର ବେଶ୍ ଚାହିଦା ରହୁଥିବା କଥା ତାଙ୍କ ନଜରକୁ ଆସିଥିଲା । ଯେହେତୁ ଡ୍ରାଗନ୍ ଫ୍ରୁଟ୍‌ରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାର କ୍ଷମତା ରହିଥିବା କଥା ସେ ଜାଣିଥିଲେ ; ତେଣୁ ନିଜ ଜମିରେ ସେହି ଚାଷ କରିବାକୁ ସେ ଇଚ୍ଛା କଲେ । ସେଥିପାଇଁ ପୁଣେରୁ ପ୍ରାୟ ୮ ହଜାର ଡ୍ରାଗନ୍ ଫ୍ରୁଟ୍ ଚାରା ସେ ମଗାଇଲେ ଆଉ ୪ ଏକର ଜମିରେ ପ୍ରଥମେ ଏହି ଚାଷ ଆରମ୍ଭ କଲେ । ୨୦୨୧ ଏପ୍ରିଲରେ ସେ ଏହି ଚାଷ ଆରମ୍ଭ କରିଥିଲେ । ପ୍ରଥମ ବର୍ଷ ଆଶାନୁରୂପ ଆମଦାନୀ ହୋଇ ନ ଥିଲେ ବି ଦ୍ୱିତୀୟ ବର୍ଷ ବେଶ୍ କିଛି ରୋଜଗାର ହୋଇଥିଲା ତାଙ୍କର । ଏ ନେଇ ସୁରେଶ କୁହନ୍ତି, 'ଥରେ ଏହି ଡ୍ରାଗନ୍ ଫ୍ରୁଟ୍ ଗଛ ଲଗାଇଲେ ଏହା ପ୍ରାୟ ୧୫ରୁ ୨୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ । ମଝିରେ ମଝିରେ ଏହାର ପୁରୁଣା ଡାଳକୁ କାଟିଦେଲେ ସେଥିରୁ ନୂଆ ଡାଳ ବାହାରି ପୁଣି ସେଥିରେ ଫୁଲ, ଫଳ ଧରିବା ଆରମ୍ଭ ହୁଏ । ନୂଆ କରି ଲଗାଇଲେ ପ୍ରଥମ ବର୍ଷ ଏଥିରୁ ଭଲ ଫଳ ବାହାରେ ନାହିଁ ସତ କିନ୍ତୁ ପରେ ଯେତେବେଳେ ଗଛ ହୃଷ୍ଟପୁଷ୍ଟ ହୁଏ ଆଉ ତା'ର ଡାଳ ଯେତେ ନୂଆ ନୂଆ କଅଁଳେ ସେଥିରେ ସେତେ ଅଧିକ ଫଳ ଧରେ । ଡ୍ରାଗନ୍ ଫ୍ରୁଟ୍ ହେବାର ଠିକ୍ ସମୟ ହେଉଛି ଜୁନ୍‌ରୁ ଅକ୍ଟୋବର । ତା'ପରେ ବି ହୁଏ କିନ୍ତୁ ପରିମାଣ କମିଯାଏ । ଏହି ଗଛ ପାଇଁ ପାଣିର ଆବଶ୍ୟକତା ରହିଛି ; କିନ୍ତୁ ବେଶି ପରିମାଣର ନୁହେଁ । ବର୍ଷାରେ ବି ଏହି ଗଛ ଭଲ ବଢ଼ି ସେଥିରେ ଭଲ ଫଳ ହୋଇଥାଏ । କିନ୍ତୁ ସବୁବେଳେ ଧ୍ୟାନ ରଖୁଥିବେ, ବର୍ଷା ପାଣି ଯେମିତି ଏହାର ମୂଳରେ ଜମି ରହୁ ନ ଥିବ । ମୁଁ ତ ଗତ ତିନି ବର୍ଷ ହେଲା ଏହି ଚାଷ କରୁଛି । ଏବର୍ଷ ଆହୁରି ଭଲ ଅମଳ ହେବ ବୋଲି ଆଶା ଅଛି ।' ତେବେ ସୁରେଶ କେବଳ ଡ୍ରାଗନ୍ ଫ୍ରୁଟ୍ ଚାଷ କରନ୍ତି ତାହା ନୁହେଁ, ତାଙ୍କର ଆଉ ଯେଉଁ ବଳକା ୪ ଏକର ଜମି ରହିଛି ସେଥିରେ ସେ ପିଜୁଳି, କଦଳୀ, ଆମ୍ବ, ନଡ଼ିଆ, ସଜନା, ଅମୃତଭଣ୍ଡା, ବରକୋଳି, ଲେମ୍ବୁ, କମଳା, ଲିଚୁ, ସପେଟା, ଆବାକାଡୋ, ଧଳା ଜାମୁକୋଳି, ନାଲି ପଣସ, ସପୁରି ଇତ୍ୟାଦିକୁ ବି ବିନା ରାସାୟନିକ ସାର ପ୍ରୟୋଗ କରି ଚାଷ କରୁଛନ୍ତି । ଆଉ ଏ ସବୁ ପାଇଁ ସେ ଜିଆଖତ, ଗୋବରଖତ, ନିମପିଡ଼ିଆ, ସୋରିଷ ପିଡ଼ିଆ, ଚୂନ ଇତ୍ୟାଦି ଜୈବିକ ଖତର ବ୍ୟବହାର କରିଥାନ୍ତି । ସେହିପରି ଗୋମୂତ୍ର, ଗୋବର, ବେସନ, ଗୁଡ଼, ଅରଖ ପତ୍ର, ଦୁର୍ଦ୍ଦୁରା ପତ୍ର, ନିମପତ୍ର, ଧୂଆଁପତ୍ର ଇତ୍ୟାଦିକୁ ବ୍ୟବହାର କରି ଜୀବାମୃତ ପ୍ରସ୍ତୁତ କରିବା ସହ ତାହାକୁ କୀଟନାଶକ ହିସାବରେ ସେ ତାଙ୍କ ଜମିରେ ପ୍ରୟୋଗ କରିଥାନ୍ତି । କେବଳ ସେତିକି ନୁହେଁ କୀଟନାଶକ ପାଇଁ ସେ ତାଙ୍କ ଜମିରେ ବିଭିନ୍ନ ପ୍ରକାରର ଯନ୍ତା ବି ଲଗାଇଛନ୍ତି । ତା'ସହିତ ଗଭୀର ନଳକୂପ ଖନନ କରି ବୁନ୍ଦା ଜଳସେଚନ ମାଧ୍ୟମରେ ପ୍ରତିଟି ଗଛକୁ ପାଣିଯୋଗାଇବାର ବ୍ୟବସ୍ଥା ବି ସେ ଏଠାରେ କରିଛନ୍ତି । ଯଦ୍ୱାରା ଗଛଗୁଡ଼ିକ ହୃଷ୍ଟପୁଷ୍ଟ ହୋଇ ବଢ଼ିଥାଏ ଏବଂ ଜଳର ଅପଚୟ ହୋଇ ନଥାଏ ବୋଲି ସେ କୁହନ୍ତି । ଏସବୁ ବ୍ୟତିତ ସୁରେଶଙ୍କର ଏହି ଫାର୍ମରେ ବିରି, ମୁଗ, କୋଳଥ, ମଟର, ସୋରିଷ, ଚିନାବାଦାମ, ରାଶି, ହଳଦୀ, ଅଦା, ଗେଣ୍ଡୁଫୁଲ, ସୂର୍ଯ୍ୟମୁଖୀ ମଧ୍ୟ ଚାଷ କରାଯାଇଥାଏ । ମୁଖ୍ୟ ରାସ୍ତା କଡ଼ରେ ଉକ୍ତ ଫାର୍ମଟି ଅବସ୍ଥିତ ହୋଇଥିବାରୁ ଫାର୍ମରୁ ବାହାରୁଥିବା ଜିନିଷକୁ ବିକ୍ରି କରିବାରେ କିଛି ବି ଅସୁବିଧା ହୁଏ ନାହିଁ । ଜୈବିକ ପଦ୍ଧତିରେ ଓ ବିନା ରାସାୟନିକ ସାରରେ ଫଳ, ପନିପରିବା ଆଦି ଉତ୍ପାଦନ ହେଉଥିବାରୁ ସେସବୁର ଭଲ ଚାହିଦା ରହିଥାଏ ଏଠି । ଏହି ଫାର୍ମରୁ ମିଳୁଥିବା ଫଳ ସ୍ଥାନୀୟ ବଜାର ସହିତ ଭୁବନେଶ୍ୱର ଓ ବ୍ରହ୍ମପୁରକୁ ମଧ୍ୟ ପଠାଯାଇଥାଏ । ସେହିପରି ସୁରେଶଙ୍କର ଏହି ଫାର୍ମରେ ଚାଷୀମାନଙ୍କୁ ବିଭିନ୍ନ ପ୍ରକାରର ତାଲିମ ଦିଆଯାଇଥାଏ । ଦୂରଦୂରାନ୍ତରୁ ଏବଂ ବିଭିନ୍ନ ଜିଲାର କୃଷକମାନେ ବି ଏଠାକୁ ପରିଦର୍ଶନ ପାଇଁ ଆସିଥାନ୍ତି । ତେବେ ସୁରେଶଙ୍କର ଏହି ଫାର୍ମଟି ସ୍ଥାନୀୟ ଅଞ୍ଚଳରେ ଏକ ପ୍ରେରଣାର ଉତ୍ସ ଭାବେ ଉଭା ହୋଇଛି । ଆଉ ଜଳ, ଜମି ଓ ଜଙ୍ଗଲକୁ ସୁରକ୍ଷା ଦେଇ ପରିବେଶକୁ ସୁସ୍ଥ ରଖିବା ସଙ୍ଗେସଙ୍ଗେ ଡ୍ରାଗନ୍ ଫ୍ରୁଟ୍ ଚାଷ କରି ସୁରେଶ ଯେଉଁ ନିଆରା ଉଦାହରଣ ସୃଷ୍ଟି କରିପାରିଛନ୍ତି ତାହା ସତରେ ପ୍ରଶଂସାଯୋଗ୍ୟ ।

## ଡ୍ରାଗନ୍ ଫ୍ରୁଟ୍ ଚାଷ ଦେଇଛି ଭିନ୍ନ ପରିଚୟ

ବରଗଡ଼ ଜିଲା ବରପାଲି ବ୍ଲକ୍ ଅନ୍ତର୍ଗତ କୁମ୍ଭାରୀ ଗାଁର ବାସିନ୍ଦା ହେଲେ **ଜଟାଧାରୀ ପ୍ରଧାନ** । ଦଶମ ପାଠ ପଢ଼ା ପରେ କିଛି ରୋଜଗାର କରିବା ପାଇଁ ସେ ମାର୍ବଲ କାମ କରିବା ଆରମ୍ଭ କଲେ । ତା'ସହିତ ତାଙ୍କର ଏକ ଅଟାକଳ ଥିଲା ; ସେଥିରେ ବି କାମ କଲେ । ଧାନଚାଷ କଥା ମଧ୍ୟ ସେ ବୁଝୁଥିଲେ । ଚାଷବାସ ପ୍ରତି ତାଙ୍କର ଆଗ୍ରହ ସବୁବେଳେ ରହିଥିଲା । ସେଥିପାଇଁ କାମରୁ ଯେତେବେଳେ ତାଙ୍କୁ ଟିକେ ଫୁରସତ୍ ମିଳୁଥିଲା, ସେ ୟୁଟ୍ୟୁବ୍‌ରେ ବିଭିନ୍ନ ସଫଳ ଚାଷୀଙ୍କ ସଂଘର୍ଷର କଥା ଦେଖୁଥିଲେ । ଥରେ ସେ ୟୁଟ୍ୟୁବ୍‌ରୁ ଜାଣିବାକୁ ପାଇଲେ ଯେ, ଉତ୍ତରପ୍ରଦେଶ କୌଶମ୍ବି ଜିଲାର ଜଣେ ବ୍ୟକ୍ତି ଡ୍ରାଗନ୍ ଫ୍ରୁଟ୍ ଚାଷ କରି ବେଶ୍ ସଫଳତା ହାସଲ କରିପାରିଛନ୍ତି । ଏହା ତାଙ୍କୁ ବହୁତ ଭଲ ଲାଗିଥିଲା । ପରେ ୨୦୧୮ରେ ଜେଜେମା'ଙ୍କର ଅସ୍ଥି ବିସର୍ଜନ ପାଇଁ ଜଟାଧାରୀଙ୍କୁ ଉତ୍ତରପ୍ରଦେଶର ପ୍ରୟାଗରାଜକୁ ଯିବାକୁ ପଡ଼ିଲା । ସବୁକାମ ସରିବା ପରେ ସେ ଯେବେ ଘରକୁ ଫେରିବାକୁ ବାହାରିଲେ, ଜାଣିବାକୁ ପାଇଲେ ଯେ ଟ୍ରେନ୍ ବିଳମ୍ବ ଅଛି । ତେଣୁ ସେ ଆଉ ଅଯଥା ସମୟ ନଷ୍ଟ ନ କରି ବାହାରିଲେ କୌଶମ୍ବିରେ ଥିବା ସେହି ଲୋକଙ୍କୁ ଭେଟିବାକୁ । ତାଙ୍କଠାରୁ ଡ୍ରାଗନ୍ ଫ୍ରୁଟ୍ ଚାଷ ସମ୍ପର୍କରେ ବହୁତ କଥା ଶିଖି ମନେମନେ ଏହି ଚାଷ କରିବାକୁ ନିଷ୍ପତ୍ତି ନେଇ ସେଠାରୁ ଫେରିଲେ । କିନ୍ତୁ ଏହି ଚାଷ କରିବେ କେଉଁଠି । ଜମି କେଉଁଠୁ ଆସିବ । ତାଙ୍କ ଘରଠାରୁ ପ୍ରାୟ ୭/୮ କି.ମି ଦୂରରେ ଥିବା ବରପାଲିଠାରେ ଜଟାଧାରୀଙ୍କ ମାମୁଙ୍କର ପ୍ରାୟ ୨୦ ଡିସିମିଲ୍ ଗୋଚର ଜମି ଥିଲା । ସେଠାରେ ସେ ଏହି ଚାଷ କରିବାକୁ ଅଣ୍ଟା ଭିଡ଼ିଲେ । ପ୍ରଥମେ ପ୍ରଥମେ ଘର ଲୋକ ଏଥିପାଇଁ ରାଜି ହେଉ ନ ଥିଲେ । ତେଣୁ ଏକାକୀ ଜଟାଧାରୀଙ୍କୁ ଏଥିପାଇଁ ବହୁ କଷ୍ଟ କରିବାକୁ ପଡ଼ିଲା । କିଛି ସଞ୍ଚିତ ଟଙ୍କାକୁ ଏଥିରେ ଲଗାଇଲେ ଆଉ କିଛି ଟଙ୍କା ତାଙ୍କୁ ଲୋନ୍ କରିବାକୁ ପଡ଼ିଲା । ତା'ପରେ ୨୦୨୦ରେ ସେ ଉତ୍ତରପ୍ରଦେଶର ଉକ୍ତ ବ୍ୟକ୍ତିଙ୍କଠାରୁ ୨୦୦ ଏବଂ ହରିୟାଣାରୁ ଆଉ ୨୦୦ ଡ୍ରାଗନ୍ ଫ୍ରୁଟ୍ ଚାରା ଆଣି ପ୍ରଥମେ ଲଗାଇଥିଲେ । ସେତେବେଳେ ଗୋଟିଏ ଚାରାକୁ ୧୦୦ ଟଙ୍କା ହିସାବରେ ପ୍ରାୟ ୪୦ ହଜାର ଟଙ୍କା ତାଙ୍କୁ ଖର୍ଚ୍ଚ କରିବାକୁ ପଡ଼ିଥିଲା ଏହାକୁ କିଣିବାକୁ । ପ୍ରଥମ ବର୍ଷ ହାତଗଣତି କେତୋଟି ଡ୍ରାଗନ୍ ଫ୍ରୁଟ୍ ତାଙ୍କର ଫଳିଥିଲା । କିନ୍ତୁ ନିଜ ଗଛରୁ ସେ ଚାରା ତିଆରି କରି ବେଶ୍ ଭଲ ଦୁଇ ପଇସା ରୋଜଗାର କରିପାରିଥିଲେ । ଦ୍ୱିତୀୟ ବର୍ଷ ଅର୍ଥାତ୍ ୨୦୨୧ରେ ତାଙ୍କର ପ୍ରାୟ ଦେଢ଼ କୁଇଣ୍ଟାଲ୍ ଡ୍ରାଗନ୍ ଫ୍ରୁଟ୍ ବାହାରିଥିଲା ; ଯାହାକୁ ସେ କି.ଗ୍ରା ପ୍ରତି ୩୦୦ରୁ ୩୫୦ ଟଙ୍କାରେ ବିକ୍ରି କରି ଭଲ ଲାଭ ପାଇପାରିଥିଲେ । ୨୦୨୨/୨୩ରେ ବି ଆହୁରି ଭଲ ଅମଳ ହୋଇଥିଲା । ତା'ସାଙ୍ଗକୁ ଚାରା ବି ଭଲ ବିକ୍ରି ହୋଇଥିଲା । ଚଳିତ ବର୍ଷ ବି ଆହୁରି ଅଧିକ ହେବ ବୋଲି ଆଶା ରଖିଛନ୍ତି । ତେଣୁ ନିଜର ଏହି ସଫଳତା ସମ୍ପର୍କରେ ଜଟାଧାରୀ କୁହନ୍ତି, 'ଯଦି ଜଣେ କଠିନ ପରିଶ୍ରମ ସାଙ୍ଗକୁ ଦୃଢ଼ ଇଚ୍ଛାଶକ୍ତି ରଖନ୍ତି, ତା'ହେଲେ ଯେ କୌଣସି ଅସମ୍ଭବ କାର୍ଯ୍ୟ ବି ସମ୍ଭବ ହୋଇପାରେ । ମୋ କ୍ଷେତ୍ରରେ ସେୟା ହିଁ ପ୍ରମାଣିତ ହୋଇଛି । ପ୍ରଥମେ ଘର ଲୋକେ ମୋତେ ବାରଣ କରୁଥିଲେ ; କାରଣ ସେମାନେ ଭାବୁଥିଲେ ଏହା ଭଲ ଚାଷ ହେବ ନାହିଁ କି ଏଥିରୁ ସେମିତି କିଛି ଲାଭ ଆସିବ ନାହିଁ କିନ୍ତୁ ଯେତେବେଳେ ସେମାନେ ମୋର ସଫଳତା ଦେଖିଲେ ସେମାନଙ୍କ ଧାରଣା ବଦଳି ଯାଇଥିଲା । ଏବେ ମୋ କାର୍ଯ୍ୟରେ ମୋ ପରିବାର ଲୋକ ସମସ୍ତେ ସାହାଯ୍ୟ କରୁଛନ୍ତି । ଆଗରୁ ୬ କିସମର ଡ୍ରାଗନ୍ ଫ୍ରୁଟ୍ ଚାଷ କରୁଥିଲି । କିନ୍ତୁ ଏବେ ଲୋକଙ୍କ ଚାହିଦା ଦେଖି ମାତ୍ର ୩ ପ୍ରକାରର ଯେମିତିକି ରେଡ୍ ସ୍କିନ୍ ପିଙ୍କ୍ ପଲ୍ପ, ପିଙ୍କ୍ ସ୍କିନ୍ ପିଙ୍କ୍ ପଲ୍ପ ଏବଂ ୟେଲୋ ସ୍କିନ୍ ହ୍ୱାଇଟ୍ ପଲ୍ପ ଡ୍ରାଗନ୍ ଫ୍ରୁଟ୍ ଚାଷ କରୁଛି । କେବଳ ସେତିକି ନୁହେଁ ଏବେ ମୁଁ ସୀତାଫଳ, ବରକୋଳି, ପଣସ, ଅଞ୍ଜିର, ବୁଦ୍ଧସ୍ ହ୍ୟାଣ୍ଡ ଫ୍ରୁଟ୍, ପର୍ସିମନ୍ ଫ୍ରୁଟ୍ ଇତ୍ୟାଦି ବି ଚାଷ କରୁଛି । ହେଲେ ଡ୍ରାଗନ୍ ଫ୍ରୁଟ୍ ଚାଷ ହିଁ ମୋତେ ଭିନ୍ନ ଏକ ପରିଚିତି ଦେଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ ।

କେବଳ ଏମାନେ ନୁହଁନ୍ତି, ଓଡ଼ିଶାରେ ଏମିତି ଆହୁରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଡ୍ରାଗନ୍ ଫ୍ରୁଟ୍ ଚାଷ କରି ସଫଳତା ପାଇବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିପାରିଛନ୍ତି ।

**–ଅମ୍ବିତା ମିଶ୍ର**

ତଥ୍ୟ ସହାୟତା: ସ୍ମାରକ ମାଝୀ, ଲୋକନାଥ ମିଶ୍ର, ଶଙ୍କର ବେହେରା



ଶୁଭାଶିଷ ବେରା



ସୁରେଶ ଚନ୍ଦ୍ର ହୋତା



ଜଟାଧାରୀ ପ୍ରଧାନ





# ସୌନ୍ଦର୍ଯ୍ୟ ପାଇଁ ଯୋଗ




**ଯୋଗାସନ ଶରୀର ପାଇଁ ବେଶ୍ ଉପକାରୀ। ଏହା ଶରୀରର ନାନା ସମସ୍ୟା ଦୂର କରିବା ସହ ଚାପମୁକ୍ତ କରାଏ। ତା'ସହ କିଛି ଯୋଗ କଲେ ତ ଚେହେରାରେ ପ୍ରାକୃତିକ ଚମକ ଆସେ। ଜାଣନ୍ତୁ ସେମିତି କେତୋଟି ଯୋଗାସନ ସମ୍ପର୍କରେ...**

**ଧନୁରାସନ: ପ୍ରଣାଳୀ**–ମ୍ୟାଟ ଉପରେ ପେଟେଇକି ଶୁଅନ୍ତୁ। ଏହାପରେ ଦୁଇ ଗୋଡ ଓ ଦୁଇ ହାତକୁ ଧୀରେଧୀରେ ଉପରକୁ ଟେକି ଦୁଇ ହାତରେ ଦୁଇ ପାଦକୁ ଧରନ୍ତୁ। ଆଉ ଧୀରେ ଧୀରେ ଶ୍ୱାସ ନେବା ସହ ମୁଣ୍ଡ, ଛାତି, ଜଙ୍ଘକୁ ଉପରକୁ ଟେକନ୍ତୁ। ଏଭଳି ଅବସ୍ଥା ଧନୁ ଭଳି ଦେଖାଯାଏ। ସ୍ୱାଭାବିକଭାବେ ଶ୍ୱାସକ୍ରିୟା କରିବା ସହ ନିଜ କ୍ଷମତାନୁସାରେ ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ଶ୍ୱାସ ଛାଡିବା ସହ ପ୍ରାରମ୍ଭିକ ମୁଦ୍ରାକୁ ଫେରନ୍ତୁ। ଏହି ଆସନ ଦୁଇ–ତିନିଥର କରନ୍ତୁ।

**ଉପକାର:** ଚେହେରାରେ ପ୍ରାକୃତିକ ଚମକ ଆଣିବାରେ ଏହି ଯୋଗାସନ ଭଲ କାମ କରେ। ଏଥିରେ ପେଟ ଉପରେ ଚାପ ପଡେ ଯଦ୍ୱାରା ଶରୀର ଡିଟକ୍ସିଫାଏ ହୁଏ। ଉଦର ଶକ୍ତିଶାଳୀ ଓ ସୁସ୍ଥ ହୁଏ। ଚେହେରା ଓ ପେଲଭିକ୍ ବା ଶ୍ରୋଣୀ ଅଞ୍ଚଳରେ ରକ୍ତ ପ୍ରବାହ ବଢେ। ଏହାକୁ ପ୍ରତିଦିନ କଲେ ଚେହେରାରେ ହେଲ୍‌ଦି ଗ୍ଲୋ ଆସେ ଏବଂ ଚର୍ମ ସୁସ୍ଥ ହୁଏ। ତା'ସହ ନୂଆ ଉର୍ଜା ଆସେ ଓ ଅବସାଦ ଦୂର ହୁଏ।

**ପଶ୍ଚିମୋତାନାସନ: ପ୍ରଣାଳୀ**–ମ୍ୟାଟ ଉପରେ ଦୁଇ ଗୋଡକୁ ଆଗକୁ ଲମ୍ୱାଇ ମେରୁଦଣ୍ଡ ସିଧା କରି ଦୁଇ ହାତକୁ ଶରୀରର ଦୁଇ ପାର୍ଶ୍ୱରେ ଭୂମି ଉପରେ ରଖି ବସନ୍ତୁ। ଏହାପରେ ମୁଣ୍ଡ ଓ ଶରୀରକୁ ଆଗକୁ ନୁଆଇଁ ଚେହେରାକୁ ଗୋଡରେ ଲଗାନ୍ତୁ। ଦୁଇ ହାତରେ ଦୁଇ ପାଦର ବୃଦ୍ଧାଙ୍ଗୁଳିକୁ ଧରନ୍ତୁ। ଶ୍ୱାସକ୍ରିୟା ସ୍ୱାଭାବିକ କରନ୍ତୁ। କିଛି ସମୟ ଏହିଭଳି ରହିବା ପରେ ଧୀରେ ଧୀରେ ପୂର୍ବାବସ୍ଥାକୁ ଫେରନ୍ତୁ।

**ଉପକାର:** ଏହି ଯୋଗ ଦ୍ୱାରା ମେରୁଦଣ୍ଡ, କାନ୍ଧ ଷ୍ଟ୍ରେଚ୍ ହୁଏ। ଲୋୟର ବ୍ୟାକ୍‌ରେ ସମସ୍ୟା ଥିଲେ ଉପଶମ ମିଳେ। ଏହାବାଦ ଚାପ କମେ, ରକ୍ତ ସଫା ହୁଏ ଏବଂ ତ୍ୱଚାର ବର୍ଣ୍ଣରେ ସୁଧାର ଆସେ। ଡାର୍କସ୍ପଟ ଓ ରିଙ୍କଲ ବି ଦୂର ହେବାକୁ ଲାଗେ।



**ଅଧୋମୁଖ ସ୍ୱନାସନ: ପ୍ରଣାଳୀ**– ପ୍ରଥମେ ସିଧା ଠିଆ ହୁଅନ୍ତୁ। ଏବେ ଦୁଇ ହାତକୁ ଉପରକୁ ଉଠାନ୍ତୁ। ଏହାପରେ ଧୀରେ ଧୀରେ ଆଗକୁ ନଇଁ ଦୁଇ ହାତକୁ ଭୂମି ଆଡ଼କୁ ଆଣନ୍ତୁ। ଆଉ ହାତ ପାପୁଲିକୁ ଭୂମିରେ ସ୍ପର୍ଶ କରନ୍ତୁ। ଏହି ସମୟରେ ଦୁଇ ଗୋଡ ଓ ହାତ ସିଧା ରଖିବେ। ନିତମ୍ବକୁ ଯେତେ ସମ୍ଭ ଉପରକୁ ଉଠାନ୍ତୁ। ମୁଣ୍ଡ ଭୂମି ଆଡ଼କୁ ରହିବ ଓ ଦୃଷ୍ଟି ପାଦକୁ ରହିବ। ନିଜ କ୍ଷମତାନୁସାରେ ଏଭଳି ଅବସ୍ଥାରେ ରୁହନ୍ତୁ। ପରେ ଧୀରେ ଧୀରେ ପୂର୍ବାବସ୍ଥାକୁ ଫେରନ୍ତୁ।

**ଉପକାର:** ଏହି ଆସନରେ ବାହୁ ଓ କାନ୍ଧ ଶକ୍ତ ହୁଏ। ଏହାକୁ ନିୟମିତ କଲେ ଏନର୍ଜେଟିକ ଲାଗେ। କାରଣ ରକ୍ତ ପ୍ରବାହ ଚେହେରା ଓ ମସ୍ତିଷ୍କକୁ ହୁଏ। ଯଦ୍ୱାରା ସୁସ୍ଥ ଗୋଲାପୀ ଗାଲ ହୁଏ। ଆଉ ତ୍ୱଚା ଚମକେ। ତା'ସହ ମସ୍ତିଷ୍କ ଶାନ୍ତ ହୁଏ ଓ ଅବସାଦ ଦୂର ହୁଏ।

**ଭୁଜଙ୍ଗାସନ: ପ୍ରଣାଳୀ**– ଏହି ଆସନ କରିବା ପାଇଁ ପ୍ରଥମେ ମ୍ୟାଟ ଉପରେ ପେଟେଇକି ସିଧା ଶୁଅନ୍ତୁ। ଏହାପରେ ଦୁଇ ପାପୁଲିକୁ ଚଟାଣରେ କାନ୍ଧ ଚଉଡ଼ାରେ ରଖିବେ। ଅଣ୍ଟାରୁ ତଳଭାଗକୁ ଭୂମିରେ ସ୍ପର୍ଶ କରି ରଖି ଛାତିକୁ ଭୂମିରୁ ଉପରକୁ ଧୀରେ ଉପରକୁ ଉଠାନ୍ତୁ। ଆଉ ଛାତକୁ ଅନାନ୍ତୁ। କିଛି ସମୟ ଏହିଭଳି ଅବସ୍ଥାରେ ରହିବାପରେ ଶ୍ୱାସ ଧୀରେ ଧୀରେ ଛାଡି ଶରୀରର ଉପର ଭାଗକୁ ପୁଣି ଥରେ ଭୂମିକୁ ସ୍ପର୍ଶ କରାନ୍ତୁ।

**ଉପକାର**–ଯଦି ତ୍ୱଚା ରଫ୍ ଓ ଶରୀର ଷ୍ଟିଫ୍ ଲାଗୁଛି ତେବେ ଏହି ଆସନ କରିବା ଭଲ। ଏହି ଆସନ ଦ୍ୱାରା ପିଠି ଓ କାନ୍ଧର ଷ୍ଟିଫନେସ୍ କମେ। ପ୍ରତିଦିନ ଏହାକୁ କଲେ ରିଲାକ୍ସ ରହିବା ସହ ମୁଡ ଭଲ ରହିବ। ତ୍ୱଚା ବି କୋମଳ ହେବ।

**ତ୍ରିକୋଣାସନ: ପ୍ରଣାଳୀ:** ପାଦକୁ ଧୀରେ ଧୀରେ ଖୋଲି ପ୍ରାୟ ୩ ଫୁଟ ଗ୍ୟାପ କରନ୍ତୁ। ଦୁଇ ହାତକୁ କାନ୍ଧ ସହ ସମାନ୍ତରାଳରେ ପ୍ରସାରିତ କରନ୍ତୁ। ଏବେ ଧୀରେଧୀରେ ଶ୍ୱାସ ଛାଡିବା ସହ ଶରୀରକୁ ଆଗକୁ ନୁଆଁନ୍ତୁ। ଡାହାଣ ହାତକୁ ଆଗକୁ କରି ବାମ ଗୋଡର ପାଦକୁ ଛୁଇଁବାକୁ ଚେଷ୍ଟା କରନ୍ତୁ। ଏହାପରେ ବାମ ହାତକୁ ଉପରକୁ ଉଠାନ୍ତୁ। ଯେମିତିକି ଦୁଇ ହାତ ଏକ ସିଧା ଲାଇନରେ ରହିବ। ନିଜ କ୍ଷମତାନୁସାରେ ଏହି ସ୍ଥିତିରେ ରୁହନ୍ତୁ। ଆର ପାର୍ଶ୍ୱରେ ବି ଏହିଭଳି କରନ୍ତୁ।

**ଉପକାର**–ଏହି ଯୋଗ କରିବା ଦ୍ୱାରା ରକ୍ତ ପ୍ରବାହ ମୁଣ୍ଡ ଓ ଚେହେରାକୁ ଅଧିକ ହୁଏ। ଅମ୍ଳଜାନ ଚେହେରାକୁ ପହଞ୍ଚିବା ଦ୍ୱାରା ତ୍ୱଚା ସୁସ୍ଥ ଓ ଚମକଦାର ହୁଏ। ତା'ଛଡା ଆଣ୍ଠୁ ପଛଭାଗର ମାଂସପେଶୀ ଶକ୍ତ ହୁଏ।



**ଶିଶୁ ଆସନ: ପ୍ରଣାଳୀ**– ଏହାକୁ କରିବା ପାଇଁ ପ୍ରଥମେ ମ୍ୟାଟ ଉପରେ ବଜ୍ରାସନରେ ବସନ୍ତୁ। ଶରୀରର ସବୁଭାର ଗୋଇଠି ଉପରେ ରଖନ୍ତୁ। ଏବେ ଗଭୀର ଶ୍ୱାସ ନେଇ ସାମ୍ନା ପଟକୁ ନଇଁ ଯାଆନ୍ତୁ। ଧ୍ୟାନ ଦେବେ ଯେମିତି ଛାତି ଜଙ୍ଘକୁ ସ୍ପର୍ଶ କରୁଥିବ। ଏହାପରେ ମଥାରେ ଚଟାଣକୁ ସ୍ପର୍ଶ କରିବାକୁ ଚେଷ୍ଟା କରନ୍ତୁ। କିଛି ସମୟ ପର୍ଯ୍ୟନ୍ତ ଏଭଳି ରୁହନ୍ତୁ। ପରେ ସାମାନ୍ୟ ଅବସ୍ଥାକୁ ଫେରି ଆସନ୍ତୁ। ଏହିଭଳି ୩–୫ ଥର କରିବେ।

**ଉପକାର**–ଏହାକୁ କଲେ ହାତ, କାନ୍ଧ ହାଲ୍‌କା ଲାଗେ। ଭଲ ନିଦ ହୁଏ ଓ ଚେହେରାରେ ଚମକ ଆସେ।

**ଉତ୍ତାନାସନ: ପ୍ରଣାଳୀ**– ମ୍ୟାଟ ଉପରେ ସିଧା ଠିଆ ହେବେ। ଲମ୍ୱା ଗଭିର ଶ୍ୱାସ ନେଇ ଦୁଇ ହାତକୁ ଉପରକୁ ଉଠାଇବେ। ଏହାପରେ ଧୀରେ ଧୀରେ ଶ୍ୱାସ ଛାଡିବା ସହ ହାତଦ୍ୱୟକୁ ଆଗକୁ ଆଣିବା ସହ ନଇଁ ପାଦକୁ ଛୁଅନ୍ତୁ। ପାପୁଲିକୁ ମ୍ୟାଟ ଉପରେ ରଖନ୍ତୁ ଓ ଆଣ୍ଠୁ ମଝିରେ ମୁଣ୍ଡ। ନିଜ କ୍ଷମତାନୁସାରେ ଏହି ଅବସ୍ଥାରେ କିଛି ସମୟ ରୁହନ୍ତୁ। ପରେ ଧୀରେ ଧୀରେ ଶ୍ୱାସ ନେବା ସହ ସିଧା ଠିଆ ହୁଅନ୍ତୁ। ଅତିକମ୍‌ରେ ୫ ଥର ଏହି ଆସନକୁ କରନ୍ତୁ।

**ଉପକାର**–ଏହି ଆସନରେ ଚେହେରା ଓ ଖପୁରୀକୁ ଭଲଭାବେ ରକ୍ତ ପ୍ରବାହ ହେଉଥିବାରୁ ଚର୍ମ ଓ କେଶର ଫଲିକଲ ସୁସ୍ଥ ହୁଏ। ତେଣୁ ଚେହେରାରେ ଚମକ ଆସିବା ସହ କେଶ ଭଲ ରହେ।



# ଇଜ୍ୟା ପାଇଁ ପରିଚିତା ପାରମିତା

ସ୍କୁଲ ବୟସରୁ ହିଁ ସେ ଗପ, କବିତା ଲେଖିବା ଆରମ୍ଭ କରିଥିଲେ । ପରେ ପରେ ଓଡ଼ିଆ ଓ ହିନ୍ଦୀ ଭାଷାରେ କବିତା ଲେଖିବା ସହ ଅନୁବାଦ ବି କଲେ । ସେ ହେଲେ **ପାରମିତା ଷଡ଼ଙ୍ଗୀ** । ମା’ କବିତା ଷଡ଼ଙ୍ଗୀ ଓ ପିତା ବଂଶୀଧର ଷଡ଼ଙ୍ଗୀ ; ଯିଏକି ଜଣେ ବିଶିଷ୍ଟ କବି ଓ ଶିକ୍ଷାବିତ୍ । ଘର ପୁରୀ ଜିଲାର ନିମାପଡ଼ାରେ । ସେ ରହୁଛନ୍ତି କାନ୍ଦିବଲି, ପୂର୍ବ ମୁମ୍ବାଇରେ । ପାରମିତା କୁହନ୍ତି, ‘ମୋ ନନା ନିମାପଡ଼ା କଲେଜରେ ଅଧ୍ୟାପକ ଥିବାରୁ ଆମ ତିନିଭଉଣୀ ଓ ଭାଇଙ୍କ ପିଲାଦିନ ନିମାପଡ଼ାରେ କଟିଛି । ଜନତା ସ୍କୁଲ, ଓ.ଜେ.ବି.ଆର୍. ବାଳିକା ବିଦ୍ୟାଳୟ, ନିମାପଡ଼ା କଲେଜ ଓ ବାଣୀବିହାରରେ ମୋର ପାଠପଢ଼ା । ପିଲାବେଳୁ ଦେଖିଛି ନନା ସାହିତ୍ୟାନୁରାଗୀ । ଯେଉଁଥିପାଇଁ ମୋ ଅଜାଣତରେ ମୁଁ ପିଲାଟିବେଳୁ ସାହିତ୍ୟ ପ୍ରତି ଆକୃଷ୍ଟ ହୋଇଯାଇଥିଲି । ମୋର ମନେଅଛି, ନନା ଖୁବ୍ ପଢ଼ନ୍ତି । ସେ ପଢ଼ିଲାବେଳେ ମା’ ଖୁବ୍ ସଜାଗ ଥାଏ । ଆମେ ତାଙ୍କୁ କେହି ବ୍ୟସ୍ତ କରି ନ ଥାଉ । ନନା ଯେତେବେଳେ ଭାଗବତର ଦଶମ ସ୍କନ୍ଧ ଉପରେ ରିସର୍ଚ୍ଚ କରୁଥିଲେ, ତାଙ୍କର ଲେଖାକୁ ଆମେ ୩ ଭଉଣୀ କାର୍ବନ ପେପର ଦେଇ ହାତରେ ଲେଖି ୩/୪ଟି କପି ପ୍ରସ୍ତୁତ କରୁଥିଲୁ । ସେସବୁ ବିଷୟକୁ ସେତେବେଳେ କିଛି ବୁଝିପାରୁ ନ ଥିଲି ମାତ୍ର ସମୟକ୍ରମେ ସେହି ସବୁ ଶବ୍ଦ, ମୋ ସାହିତ୍ୟ ଯାତ୍ରାରେ ସାଥିହୋଇ ବାଟ କଢ଼େଇ ନେଇଥିଲା । ୭ମ/୮ମରେ ପଢ଼ିଲାବେଳେ ମୁଁ ଲେଖିଥିବା ଗୋଟିଏ ଗପ ପ୍ରଥମ ଥର ପାଇଁ ସ୍କୁଲ ପତ୍ରିକାରେ ପ୍ରକାଶିତ ହୋଇଥିଲା । ତା’ପରେ କଲେଜରେ ପଢ଼ିଲାବେଳେ ଯାହା କିଛି ଲେଖୁଥିଲି ତାହାକୁ ଲୁଚାଇ ଡାଏରିରେ ରଖୁଥିଲି । କାରଣ କବି ବଂଶୀଧର ଷଡ଼ଙ୍ଗୀଙ୍କ ଝିଅଭାବେ, କାଳେ ଲେଖାର ମାପଦଣ୍ଡରେ ନିଜକୁ ଖାପଖୁଆଇ ପାରିବିନି, ସେଇ ଡର ସବୁବେଳେ ମାଡି ବସୁଥିଲା । ବାହାଘର ପରେ ମୁମ୍ବାଇ ଚାଲି ଆସିଲି । ଘର ସଂସାରରେ ବ୍ୟସ୍ତତା ହେତୁ ଲେଖାଲେଖି ପାଇଁ ସମୟ ପାଉ ନ ଥିଲି । ପୁଣି ଗପ ଡାଏରି ରହିଯାଇଥିଲା ନିମାପଡ଼ାରେ । କିନ୍ତୁ ୨୦୦୫ରେ ଦିନେ ମୋ ସାନ ଭଉଣୀ ଈପ୍ସିତା କହିଲା, ବଢ଼ିଆ ଗପ ଲେଖୁଥିଲୁ, ଛାଡିଦେଲୁ କାହିଁକି ? ଏଇ କଥାଟି ମନ ଭିତରେ କିଛିଦିନ ଘାଣ୍ଟିହେଲା । ପରେ ‘ଗୋଟିଏ ରାତିର ଅନୁଭୂତି’ ଗପ ଓ କବିତା ‘ଅହଲ୍ୟା’ ଲେଖିଥିଲି ; ଯାହା ପ୍ରକାଶିତ ବି ହୋଇଥିଲା । ତା’ପରଠାରୁ ଗପ ଓ କବିତା ସହ ମୋର ଯାତ୍ରା ଚାଲିଛି । ଯଦିଓ ହିନ୍ଦୀରେ କବିତା ବେଶି ପ୍ରତିଷ୍ଠା ଦେଇଛି କିନ୍ତୁ କାହାଣୀ ପଢ଼ିବାକୁ, ଲେଖିବାକୁ ବେଶି ଭଲଲାଗେ । ୧୯୯୬ରେ ମୁମ୍ବାଇ ଆସିଥିଲି । ଏଠି ଓଡ଼ିଆ ବହି ପାଇ ନ ଥିଲି । କିଛି ହିନ୍ଦୀ ପତ୍ରିକା କିଣି ପଢୁଥିଲି । ବହୁଦିନ ଯାଏଁ କେହି ଚିହ୍ନା ପରିଚିତ ନ ଥିଲେ । ବୋଧହୁଏ ସେଥିପାଇଁ ଏଇ ହିନ୍ଦୀ ପତ୍ରିକା ଖୁବ୍ ଭଲ ସାଥୀ ହୋଇଯାଇଥିଲେ । ଏବେ ମୁମ୍ବାଇର ବାସିନ୍ଦା କିନ୍ତୁ ମୁଁ ଓଡ଼ିଆ, ମୋ ସଂସ୍କୃତି ଜଗନ୍ନାଥ ସଂସ୍କୃତି । ଦିନେ ହିନ୍ଦୀ ଭାଷାର ବିଶିଷ୍ଟ କବି ଅଗ୍ନିଶେଖର ଆମ ଘରକୁ ଆସିଥିଲେ । ତାଙ୍କୁ କିଛି କବିତା ଶୁଣାଇବା ବେଳେ ସେ ଭାବବିଭୋର ହୋଇଗଲେ । ଖୁବ୍ ପ୍ରଶଂସା କରିଥିଲେ । ସାହସକରି ନନାଙ୍କୁ କିଛି କବିତା ହ୍ୱାଟ୍ସଆପ୍‌ରେ ପଠାଇଲି । ନନାଙ୍କୁ ପସନ୍ଦ ଆସିଲା, ସାହସ ହେଲା ଆଉ ଲେଖିବାକୁ । ‘ଇଜ୍ୟା’ ନାମରେ ଏକ କବିତା ସଙ୍କଳନ କରିଥିଲି । ଇଜ୍ୟାର ଅର୍ଥ ଯଜ୍ଞ, ଏହା ଏକ ସଂସ୍କୃତ ଶବ୍ଦ । ଏଥିରେ ନାରୀ ସମସ୍ୟାକୁ ଉଜାଗର କରିବା ସହ ଅନ୍ୟ କିଛି କବିତା ସମାଜର ବିଭିନ୍ନ ଦିଗକୁ ଦର୍ଶାଇଛି । ମୋ ଗପ ଓ କବିତାର ପ୍ରଥମ ସମାଲୋଚକ ମୋ ନନା, ପ୍ରଥମ ପ୍ରଶଂସକ ମୋ ମା’ । ‘ଇଜ୍ୟା’ ହିନ୍ଦୀର ବିଶିଷ୍ଟ ଲେଖକଙ୍କ ଦ୍ୱାରା ଆଦୃତ ହେବା ସହ କେତେକ ସମ୍ମାନ ଓ ପୁରସ୍କାର ପ୍ରାପ୍ତ ମଧ୍ୟ । ଇଜ୍ୟାର କିଛି କବିତା ଫେସ୍‌ବୁକ୍‌ରୁ ପଢି ହୀନା ମୋଦି, ତାଙ୍କ ମାତୃଭାଷା ଗୁଜରାଟୀ ଭାଷାରେ ଅନୁବାଦ କରିବାକୁ ଆଗ୍ରହ ପ୍ରକାଶକଲେ । ଆଜି ଇଜ୍ୟା, ହିନ୍ଦୀ, ଗୁଜରାଟୀ ଓ ମରାଠୀ ସାହିତ୍ୟ ଜଗତରେ ଖୁବ୍ ଆଦୃତ ହୋଇଛି । ଏହାକୁ ଲେଖିଲା ବେଳେ ଏମିତି କିଛି ଭାବି ନ ଥିଲି । ‘ଇଜ୍ୟା’ ପାଇଁ ପୁରସ୍କାର ଓ ସମ୍ମାନ ପତ୍ର ଗ୍ରହଣ ନିମନ୍ତେ ନାସିକ ଯାଇଥିଲି । ସେଠାରେ କବି ପରିଚୟ ବେଳେ ମୋ ନାଁ କହିବା ସମୟରେ ଜଣେ ବରିଷ୍ଠ ଲେଖିକା କହିଥିଲେ, ‘‘ପାରମିତା ମାନେ ଯିଏ ‘ଇଜ୍ୟା’ଲେଖିଛନ୍ତି । ସେହିପରି ଏକ ଓଡ଼ିଆ ପତ୍ରିକା ପାଇଁ ମରାଠୀ କବିଙ୍କ ସହ ଯୋଗାଯୋଗ କରିବା ସମୟରେ ମୁଁ ତାଙ୍କୁ ମୋ ନାମ କହିଲାବେଳେ

‘ଇଜ୍ୟା’ ପାଇଁ ପୁରସ୍କାର ଓ ସମ୍ମାନ ପତ୍ର ଗ୍ରହଣ ନିମନ୍ତେ ନାସିକ ଯାଇଥିଲି । ସେଠାରେ କବି ପରିଚୟ ବେଳେ ମୋ ନାଁ କହିବା ସମୟରେ ଜଣେ ବରିଷ୍ଠ ଲେଖିକା କହିଥିଲେ, ‘‘ପାରମିତା ମାନେ ଯିଏ ‘ଇଜ୍ୟା’ଲେଖିଛନ୍ତି !












ସେ କହିଲେ, ଆପଣଙ୍କ ‘ଇଜ୍ୟା’ ମୋ ପାଖରେ ଅଛି । ଏସବୁ ମତେ ଖୁବ୍ ରୋମାଞ୍ଚିତ କରିଥିଲା । ଏବେ ଓଡ଼ିଆରୁ ହିନ୍ଦୀ ଓ ହିନ୍ଦୀରୁ ଓଡ଼ିଆ କିଛି ଅନୁବାଦ କାର୍ଯ୍ୟରେ ବ୍ୟସ୍ତ ରହୁଛି । ତେବେ ଓଡ଼ିଆ ସାହିତ୍ୟ ଅତ୍ୟନ୍ତ ଉଚ୍ଚକୋଟୀର । ଭାବ ଓ ଭାଷାର ସଂଯୋଜନା, ଧ୍ୱନିର ପରିପ୍ରକାଶ ଏତେ ଉନ୍ନତ ଯେ, ତା’ର ତୁଳନା କରିହେବ ନାହିଁ । କିନ୍ତୁ ଓଡ଼ିଆ ଭାଷାରେ ରଚିତ କବିତା,ଗପ କି ଆଲେଖ୍ୟ ଓଡ଼ିଶା ବାହାରେ ସେତେ ମାତ୍ରାରେ ପହଞ୍ଚି ପାରୁନାହିଁ । ଏ ଦିଗରେ ଆମେ ଅଧିକ କାମ କରିବା ଉଚିତ । ଓଡ଼ିଆ ସାହିତ୍ୟକୁ ହିନ୍ଦୀ ଭାଷାଭାଷୀଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରୁଛି । ସେଥିପାଇଁ ଅନୁବାଦ କ୍ଷେତ୍ରରେ ପାଦ ଥାପିଲି । ମୁଁ ମୋ ନନାଙ୍କ କବିତା ପୁସ୍ତକ ସୂତ୍ରଧରର ହିନ୍ଦୀ ଅନୁବାଦ କରିଛି । ୟା ଭିତରେ ସର୍ବମୋଟ ୧୨ଟି ବହି ପ୍ରକାଶିତ ହୋଇସାରିଛି । ହିନ୍ଦୀ ଭାଷାରେ ରଚିତ କବିତା ସଙ୍କଳନ ଇଜ୍ୟା (୨୦୨୧ରେ ପ୍ରକାଶିତ) ଉତ୍ତର ପ୍ରଦେଶର କେ.ବି.ହିନ୍ଦୀ ସେବାନ୍ୟାସ ତରଫରୁ ‘କୈଳାସ ଦେବୀ ସ୍ମୃତି ସମ୍ମାନ’ ଏବଂ ବିଦ୍ୟୋତମ୍ମା (ନାସିକ) ସଂସ୍ଥା ତରଫରୁ ‘ସାହିତ୍ୟ ଆରାଧନା ସମ୍ମାନ’, ଉଇଙ୍କସ ପବ୍ଲିକେଶନ ତରଫରୁ ‘ଗୋଲ୍ଡେନ ବୁକ୍ ଆୱାର୍ଡ’ ପ୍ରାପ୍ତ କରି ସାରିଛି । ହୀନା ମୋଦିଙ୍କ ଦ୍ୱାରା ଗୁଜରାଟୀ ଭାଷାରେ ଏହା ଅନୁବାଦିତ ହୋଇ ଗୁଜରାଟୀ ସାହିତ୍ୟ ଏକାଡେମୀର ଶ୍ରେଷ୍ଠ ଅନୁବାଦ ପୁସ୍ତକ ପୁରସ୍କାର ପାଇଁ ନିର୍ବାଚିତ ହୋଇଛି । ତା’ଛଡ଼ା ‘ଇଜ୍ୟା’ର ମରାଠୀ ଭାଷାରେ ଅନୁବାଦ କରିଥିଲେ ମରାଠୀ କବି ଏସ୍. ରଚନା ; ଯାହା ଗ୍ରନ୍ଥରତ୍ନ ଓ ଅଗ୍ରୋୱନ ପୁରସ୍କାର ଲାଭ କରିଛି । ଗଳ୍ପ-ସମ୍ପର୍କର ପାହଚରୁ ଓହ୍ଲାଇଲା ପରେ, ମୁଁ ନ ଥିଲା ବେଳେ, ଅନ୍ତରାଳେ, ବିରୋଧାଭାସ, ଅଭିଧା । କବିତା-‘ଚାଲ କିଛି ଆଙ୍କିବା’, ‘ଏବେ ତୁମେ ନାହଁ’, ହିନ୍ଦୀ କବିତା ସଙ୍କଳନ ‘ଇଜ୍ୟା’ ଅନ୍ୟତମ । ସେହିପରି ଅନୁବାଦ ଭାବେ ‘ଜବାହର ଟନେଲ’, ‘ସୂତ୍ରଧାର’, ‘କବିତାର ଋତୁ’ ଆଦି ପୁରସ୍କାରପ୍ରାପ୍ତ । ଯେଉଁଥିରେ ସାହିତ୍ୟ ଦର୍ପଣ ଗାଳ୍ପିକା ସମ୍ମାନ, ବ୍ରହ୍ମପୁର ସାହିତ୍ୟ ପରିଷଦ, ବମ୍ବେ ଓଡ଼ିଆ ମହିଳା ସଂଗଠନ, ଯୁବା ଉତ୍କର୍ଷ ସାହିତ୍ୟିକ ମଞ୍ଚ କାବ୍ୟ ଗୌରବ, ପ୍ରବାସୀ ସାହିତ୍ୟ ସମ୍ଭାର, ଷ୍ଟୋରି ମିରର, ଇଙ୍ଗଡିୟୁ ଲିଟ୍ ଫେଷ୍ଟ, ଜୟ ମା’ ବିରଜା ସାହିତ୍ୟ ସଂସଦ, କାହାଣୀ ଶୂନ୍ୟ ଇଲାକା ବ୍ରହ୍ମପୁର ସାହିତ୍ୟ ପରିଷଦ, ସାହିତ୍ୟ ସଂସ୍କୃତି ସମାରୋହ, ବିନ୍ଦୁ ସାହିତ୍ୟ ସଂସ୍ଥା, ରାଷ୍ଟ୍ରୀୟ ନବ ସାହିତ୍ୟ କୁମ୍ଭ, ସାହିତ୍ୟ ସେତୁ ପରିଷଦ, ‘କାବ୍ୟ ଶ୍ରୀ’, ବିବିଧ ଭାରତୀୟ ଭାଷା ସଂସ୍କୃତି ସଙ୍ଗମ ‘ହିନ୍ଦୀ ଭାଷା ସାହିତ୍ୟ, ସିଏଫ୍ଏମ୍‌ରୁ ହାସ୍ୟ କବି,ସାହିତ୍ୟ ସେତୁ ପରିଷଦରୁ ସାହିତ୍ୟ ଗୌରବ’ପୁରସ୍କାପ୍ରାପ୍ତ । ସିଏଫ୍ଏମ୍ ତରଫରୁ ‘ନାରୀରତ୍ନ’, ବୀର ଭାଷା ସାହିତ୍ୟ ସମ୍ମିଳନୀ, ଇଣ୍ଟରନ୍ୟାଶନାଲ ପ୍ରେସ୍ କମ୍ୟୁନିଟି, ନ୍ୟୁଜ ୨୪ର କବି ସମ୍ମିଳନୀରେ ସମ୍ମାନିତ ଏବଂ ୱିଙ୍ଗସ ପବ୍ଲିକେଶନ ତରଫରୁ ଗୋଲ୍ଡେନ୍ ବୁକ୍ ଆୱାର୍ଡ ୨୦୨୩ରେ ମିଳିଛି । ଅନ୍ୟପକ୍ଷେ ଏକାଧିକ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନରେ ଯୋଗ ଦେଇ ସୃଜନଶୀଳତାର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥାଏ । ଜୀବନରେ ଲୁଚି ରହଥିବା ରହସ୍ୟମୟ ସ୍ମୃତି, ଭାବନା ଏବଂ କଳ୍ପନା ପ୍ରକାଶକରିବାକୁ ଏକ ମାଧ୍ୟମ ଖୋଜେ । ସେଥିପାଇଁ କଲମ ଉଠେଇନିଏ, କାଗଜରେ ଲେଖିଚାଲେ ।-**ବନବିହାରୀ ବେହେରା**



# ଚୁଡ଼ି

–ସୁନୀତା ପ୍ରଧାନ

ଖୁବ୍ ଛୋଟ ବେଳୁ ଚୁଡ଼ି ପ୍ରତି ତା'ର ଗୋଟେ ଅଦ୍ଭୁତ ଆକର୍ଷଣ ! ତା' ବୋଉ ଯେବେ ବି ଚୁଡ଼ି କିଣେ ସେ ବି ଜିଦି କରି ଚୁଡ଼ି କିଣେ । ତାହା ବି ପଟେ କି ଦୁଇ ପଟ ନୁହଁ, ପୂରା ଡର୍ଜନଟେ ହେବ ମେଟାଲ ଚୁଡ଼ି। ଦୁଇ ହାତରେ ଭରି ଭରି ଚୁଡ଼ି ପିନ୍ଧି ଚୁଡ଼ିର ରୁଣୁ ଝୁଣୁ ଶବ୍ଦକୁ ସେ ଖୁବ୍ ଉପଭୋଗ କରେ। ବୋଉର ଚୁଡ଼ି ଷ୍ଟାଣ୍ଡ,ଚୁଡ଼ି ଡବା ସହ ସବୁବେଳେ ଖେଳେ। ବୋଉର ଚୁଡ଼ିକୁ ନେଇ ହାତରେ ଗଳାଏ । ତା ବୋଉ ଦେଖିଲେ ପାଟି କରେ। ଛୁଆମାନେ ଏମିତି କାହା ଚୁଡ଼ି ପିନ୍ଧିବା ଉଚିତ ନୁହଁ ବୋଲି ବୁଝାଇ ଦେଲେ ସେ ବୁଝି ଯାଏ। ତଥାପି ମନେ ମନେ ଭାବେ କୋଉ ଦିନ ସିଏ ବଡ଼ ହେବ ଆଉ ତା' ବୋଉ ଭଳି ହାତ ଭର୍ତ୍ତି କରି ଚୁଡ଼ି ପିନ୍ଧିବ !!

ଅନେକ ବର୍ଷ ପରେ ଆଜି ସେ ସତସତିକା ବୋହୂ ସାଜିଛି। ଆଜିଠାରୁ ବୋଉ କି କେହି ତାକୁ ଆଉ ଚୁଡ଼ି ପିନ୍ଧିବା ପାଇଁ ମନାକରି ପାରିବେନି। ବୋଉ ସବୁବେଳେ କୁହେ ଶଙ୍ଖା ଆଉ ସିନ୍ଦୂର ଗୋଟିଏ ସଧବାର ମୁଖ୍ୟ ଗହଣା ବୋଲି। ଏବେ ସେ ତା' ମନ ମୁତାବକ ଚୁଡ଼ି ପିନ୍ଧି ପାରିବ। ସେ ବାରମ୍ବାର ତା' ହାତକୁ ନିରେଖି ଦେଖୁଥିଲା। ତା'ର ଗୋରା ଗୋରା ହାତକୁ ମାନିଲା ଭଳି ଶଙ୍ଖା, ସୁନା ଚୁଡ଼ି, ଷ୍ଟୋନ୍ ବସା ନାଲି ଚୁଡ଼ିରେ ତା'ର ଦୁଇ ହାତ ଭରି ହୋଇ ଯାଇଥିଲା। ନିଜର ଦୁଇ ହାତକୁ ବାରମ୍ବାର ଚାହିଁ ସେ ଖୁସିରେ କୁରୁଳି ଉଠୁଥିଲା। ହାତକୁ ହାତ ବଜେଇ ଚୁଡ଼ିର ରୁଣୁଝୁଣୁ ଶବ୍ଦକୁ ସେ ବାରମ୍ବାର ଉପଭୋଗ କରୁଥିଲା।

ବିବାହର କିଛି ଦିନ ପରେ ଆଉଟ ଡେଟେଡ,ଓଲ୍ଡ ଫ୍ୟାଶନ ଲେଡି ଆଦି ବିଶେଷଣ ସହ ଚୁଡିର ରୁଣୁଝୁଣୁ ଶବ୍ଦକୁ ଇରିଟେଟେଡ ସାଉଣ୍ଡ କହି ତା' ଉପରେ ସଦାବେଳେ ବିରକ୍ତ ହେଉଥିବା ସ୍ୱାମୀଙ୍କ ଖୁସି ପାଇଁ ଏବେ ତା' ହାତରେ ଶୋଭା ପାଉଥିଲା କେବଳ ପଟେ ପଟେ ସୁନା ଚୁଡ଼ି ସହ ଶଙ୍ଖା ପଟେ ।

–ଲକ୍ଷ୍ମୀପୁର, କୋରାପୁଟ
ମୋ–୭୭୪୯୮୫୦୫୭୫



# ଅରଣ୍ୟ

ବନ୍ଦନା ପଟ୍ଟନାୟକ

ମୋ ଆଡେ
ବଢେଇ ଦେବକି
ମୋହ ଟୁକୁଡେ !
ପାଳିବି ମୋ ଭିତରେ
ଅତି ସରାଗରେ...

ଓହ୍ଲେଇ ଦେଇ
ଅବଶୋଷର ଉତ୍ତରୀୟ ,
ଲୋରି ଗାଇ
ଦୁଃଖ ସବୁକୁ ଡାକିନେବି
ଶୋଇ ଦେବାକୁ
ଶିଆଳି ଦୋଳିରେ ଠ
ଜହ୍ନର ଦରବାର ଥିବ
ଅନ୍ଧାର ଗାଉଥିବ,
ବେହାଗ ରାଗର ଅବରୋହ
ତମେ ଆସିବ କି ??

ତୁମେ ଆସିବ କି
ସେ ମାୟାବଣ ?
ନଥିବ ସେଇଠି ଜମା
ଆରଣ୍ୟକ ଭୟ ,
ଚାରିଆଡେ ଭାସୁଥିବ ବାସ୍ନା
ନିରୁତା ଆବେଗର...
ନୀଳ ମାଟି ଡାକୁଥିବ ଆ'
ସୁଖ ଗଜୁରିବ
କିଛି ବୁଣିଦେଇ ଯା'
ଆସିବ ତମେ ???

ତମେ ଆସିବ ନା ??
ନହେଲେ
ଦୋଳିରୁ ଓହ୍ଲାଇ
ଦୁଃଖ ମାନେ
ଚରିଯିବେ ସାରା ବଣ !
ଆଖିରୁ ଲିଭିବ ମାୟାର ଅଞ୍ଜନ
ଘାରିବ ଦୁଃଖର ମାୟା...
ମାୟାର ଦୁଃଖ....

ଆସ ,
ଧିର ପାଦରେ ଆସ
ଏଇ ମୋହମଖା ମୁହୂର୍ତ୍ତରେ
ଯୁଗଳବନ୍ଦୀରେ
ଭୈରବୀରାଗ ତୋଳି
ଅରଣ୍ୟରୁ ଅ–ରଣ୍ୟ
ମୁହାଁ ହେବା ଗାଢ ପ୍ରତ୍ୟୟ ରେ
ଆସ , ତମେ ଆସ
ଆସ ତମେ !!!

–ବଲାଙ୍ଗୀର
ମୋ:୮୨୬୦୮୭୨୦୨୦

# ରାସ୍ତା

– ପିନାକୀ ମିଶ୍ର

ସବୁ ରାସ୍ତାରେ ଈଶ୍ୱର ମିଳନ୍ତିନି
ସବୁ ଝିଅଙ୍କୁ ଜୁଟେନି ବାହାଲଗ୍ନ
ସବୁ ପୁଅ ପାଆନ୍ତିନି ପୂରିଲା ହସ।

ବିଫଳ ଭାଗ୍ୟ ବି ଗୋଟେ ପରୀକ୍ଷା
ଚାପା ସହିସହି ବକଳ ମୋଟା
କେହି ନ ଦେଖନ୍ତୁ ନିଜ ଲୁହ।

ହଳେ ପାଦ ଯୁଆଡେ ମାଡ଼େ
ପିଲାପିଲି ଦିନେ ଶୁଣିବେ ଯେ ମର୍ମାନୁଭବ
ପିଛା କରେ ଛାଇ
ନିଜ କଥା ଭାବୁ ଭାବୁ
ଘୁଞ୍ଚି ଯାଉଥାଏ ନଈ।


ଯଉବନ କେତେ କ'ଣ ଭାବେ
ଶିଖରରେ ବନେଇଦେବି ସିଂହାସନ
ବୋଇତରେ ବୋହି ଆଣିବି ଭାରଭାର ମୋତି
ପଲଙ୍କରେ ପ୍ରୀତି ପଖାଳୁଥିବ ଜହ୍ନରାତି।

ଚାଲିବା କି ଥମେ ? ଚାଲିବା କି ସହଜ ?
କ୍ଷତ ଶୁଖିଲେ କ୍ଷତ, ଗୁମୁରେ ମନ
ହଲପ କରେ ଅଲଣା ରାତି
ପତ୍ରଝଡ଼ା ଅବସାଦ ସଂକେତ।

ସବୁ କଳିକା ପାଏନି ମୁକୁଳା କନକଖରା
ସବୁ ଫୁଲରେ ଭ୍ରମର ବସେନି
ସହି ସହି ସରିଯିବାର ସର୍ତ୍ତ , କେବେ ପୁଣି ଜୀବନ
ଆବର୍ତ୍ତ ।

ଫିନ୍ ଫିନ୍ ରାସ୍ତାରେ ବି ଆସିପାରେ ଅଦିନଅସ୍ତ
କଣ୍ଟକବନରେ ବି ଘଟିପାରେ ତପସିଦ୍ଧି
ଗୋହିରୀବାଟରେ ବି ମିଳିପାରେ ମାଧବୀ ନୟନ
ମିଳନ
ପାଦ ଆଉ ରାସ୍ତା
ଚାଲିଛି ନଉକା
ପବନର ଇସାରା, ଜୁଆଡେ ଠେଲିଛି ଠେଲୁ ।

–ଜେଲ ରୋଡ, କେନ୍ଦୁଝର
ମୋ– ୯୪୩୮୧୧୮୩୯୭




କ୍ରିତି

# ଅପେକ୍ଷାରେ କ୍ରିତି

କ୍ରିତି ସାନନ୍ ଅପେକ୍ଷା କରି ରହିଛନ୍ତି। ସେ ତ ଏବେ ବଲିଉଡ୍‌ରେ ଆକ୍ଟିଂ ଜାରି ରଖିଛନ୍ତି। ତେବେ କ'ଣ ପାଇଁ ଏହି ଅପେକ୍ଷା ସେ ବିଷୟରେ ଜାଣିବେନି ? ଅସଲ କଥା ହେଲା ହଲିଉଡ୍ ଫିଲ୍ମରେ ଲିଡ୍ ରୋଲ୍‌ରେ ଅଭିନୟ କରିବାକୁ ସେ ଆଶା ବାନ୍ଧି ବସିଛନ୍ତି। ୨୦୧୮ରେ ସେ ଏକ ହଲିଉଡ୍ ସିନେମାରେ ଛୋଟ ଭୂମିକାରେ ଅଭିନୟ କରିଥିଲେ। ଏବେ ସେ ମୁଖ୍ୟ ଭୂମିକାରେ ଆକ୍ଟିଂ କରିବାକୁ ଚାହିଁ ବସିଛନ୍ତି। ଏ ନେଇ କ୍ରିତି କହନ୍ତି, ' ବଲିଉଡ୍ ଠାରୁ ହଲିଉଡ୍ ଏକ ବଡ ପ୍ଲାଟଫର୍ମ। ସେଠାରେ ସୁଯୋଗଟିଏ ପାଇବାକୁ ଅନେକେ ଚାହିଁ ବସିଥାଆନ୍ତି। ଅବଶ୍ୟ ୨୦୧୮ରେ ମୋତେ ଏକ ହଲିଉଡ୍ ସିନେମାରେ ଛୋଟ ଭୂମିକାଟିଏ ମିଳିଥିଲା। ହେଲେ ଆଶା ତ ଅସୁମାରୀ। ତେଣୁ ହଲିଉଡ୍‌ରେ ଏକ ଦମଦାର ଭୂମିକାଟିଏ ମିଳିଲେ ଯାଇ ମୁଁ ଖୁସି ହେବି। ଭାବୁଛି ମୋର ଆଶା ଦିନେ ନା ଦିନେ ପୂରଣ ହେବ।' ବର୍ତ୍ତମାନ ସେ 'ଦୋ ପତି' ଟାଇଟଲ ବିଶିଷ୍ଟ ଫିଲ୍ମରେ ଅଭିନୟ କରୁଛନ୍ତି। ଏଥିରେ କ୍ରିତିଙ୍କ ବ୍ୟତୀତ କାଜୋଲ୍‌ଙ୍କୁ ମଧ ଦେଖିବାକୁ ମିଳିବ। ସସ୍‌ପେନ୍ସ ଥ୍ରୀଲର ଭିତ୍ତିକ ଏହି ଫିଲ୍ମରେ କାଜୋଲ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛନ୍ତି। ଏଥିରେ ଶାହିର ଶେଖ୍ ଏବଂ ତନ୍‌ଭି ଆଜମୀଙ୍କୁ ମଧ ଦେଖିବାକୁ ମିଳିବ। କନିକା ଧିଲୋଁନ୍ ଏହାର କାହାଣୀ ରଚନା କରିଛନ୍ତି ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଶଶାଙ୍କ ଚତୁର୍ବେଦୀ। ଫିଲ୍ମଟି ଓଟିଟି ପ୍ଲାଟଫର୍ମରେ ରିଲିଜ ହେବ।


'ମହାକାଳ' ଫିଲ୍ମରେ ଦେବବ୍ରତ-ମୋନାଲି

# ମହାକାଳ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ମହାକାଳ'। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ଭରି ରହିଛି। ଖାସ୍ କଥା ହେଲା ଏହି ଚିତ୍ରଟିର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଦେବବ୍ରତ ପ୍ରଧାନ। କେବଳ ସେତିକି ନୁହେଁ ସେ ଏହାର ନିର୍ଦ୍ଦେଶକ ମଧ ସାଜିଛନ୍ତି। କାହାଣୀ ରଚନା କରିଛନ୍ତି ଆଗଧାଡିର କାହାଣୀକାର ଭରଦ୍ୱାଜ ପଣ୍ଡା। ଫିଲ୍ମ ସମ୍ପର୍କରେ ଦେବବ୍ରତ କହନ୍ତି, 'ଏହାର କାହାଣୀକୁ ଚୂଡାନ୍ତ ରୂପ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରୁ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହାର ମୁଖ୍ୟ ଭୂମିକାରେ ମୁଁ ଅଭିନୟ କରିଛି ତା' ସହ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ବି ତୁଲାଉଛି। ଏହି ଦୁଇ ଦାୟିତ୍ୱକୁ କିପରି ଠିକ୍ ଭାବରେ ନେଇ ଆଣି ଥୋଇ ପାରିବି ସେଥିଲାଗି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ ମଧ କରିସାରିଛି। ଏହାର ଗୀତଗୁଡିକ ମଧ ବେଶ୍ ଶ୍ରୁତିମଧୁର ହୋଇଛି।' ଦେବ୍‌ସ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହା ହେଉଛି ଦ୍ୱିତୀୟ ଚଳଚ୍ଚିତ୍ର। ଏହା ପୂର୍ବରୁ ଏହି ବ୍ୟାନରରେ 'ପ୍ରେମ ତୋର ନଟି' ପ୍ରସ୍ତୁତ ହୋଇ ସଫଳତା ହାସଲ କରିଥିଲା। ଫିଲ୍ମଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ଗୁଡଲି ରଥ। ଦେବବ୍ରତଙ୍କ ବ୍ୟତୀତ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ମୋନାଲି, ପାୟଲ, ସଞ୍ଜନା, ଶ୍ୱେତା ପ୍ରମୁଖ କଳାକାର। ଫିଲ୍ମଟିର କିଛି ଶୁଟିଂ ସିକିମ୍‌ର ଗ୍ୟାଙ୍ଗଟକଠାରେ ଶେଷ ହେବା ପରେ ଅବଶିଷ୍ଟ ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ତା'ସହ ଏହାର ଫାଷ୍ଟ ଲୁକ୍ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ଜାଣିବାକୁ ଏହାର ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।

# ବରୁଣଙ୍କ ପ୍ରଶଂସାରେ ଶ୍ରଦ୍ଧା

ଶ୍ରଦ୍ଧା କପୁର ଏବେ ବରୁଣ ଧାୱନଙ୍କ ପ୍ରଶଂସାର ଶତମୁଖ। ଏହି ଯୋଡି ପ୍ରଥମେ 'ଏବିସିଡି-୨'ରେ ଅଭିନୟ କରିଥିଲେ। ତା'ପରେ ଦୁହିଁଙ୍କୁ 'ଷ୍ଟ୍ରିଟ୍ ଡ୍ୟାନ୍ସର'ରେ ମଧ ଦେଖିବାକୁ ମିଳିଥିଲା। ଆଉ ଏବେ ଶ୍ରଦ୍ଧା ଅଭିନୟ କରୁଥିବା 'ସ୍ତ୍ରୀ-୨'ର ଶୁଟିଂ ଚାଲୁ ରହିଛି। ଏଥିରେ ରାଜ କୁମାର ରାଓ ନାୟକ ସାଜିଛନ୍ତି। ଖାସ୍ କଥା ହେଲା ଯେତେବେଳେ ଏହି ଫିଲ୍ମରେ ଏକ ଗେଷ୍ଟ ରୋଲ୍ ଦରକାର ପଡିଲା ସେତେବେଳେ ବରୁଣଙ୍କ ନାମକୁ ପ୍ରପୋଜ କରିଥିଲେ ଶ୍ରଦ୍ଧା। ଆଉ ତାଙ୍କ କଥାକୁ ଏଡାଇ ପାରି ନଥିଲେ ଏହାର ନିର୍ଦ୍ଦେଶକ ଅମର କୌଶିକ। ସେପଟେ ଏଭଳି ଅଫରକୁ ମଧ ଗ୍ରହଣ କରିଛନ୍ତି ବରୁଣ। ସବୁଠାରୁ ବଡ କଥା ହେଲା, ଦୁହେଁ ହେଉଛନ୍ତି ପିଲାଦିନର ସାଙ୍ଗ। ନିକଟରେ ସେମାନେ ପିଲାଦିନର ସାଙ୍ଗମାନଙ୍କୁ ନେଇ ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଆଉ ଏହି ଅବସରରେ ଶ୍ରଦ୍ଧା ବରୁଣଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ଶ୍ରଦ୍ଧାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୦ରୁ। ଫିଲ୍ମଟିର ଟାଇଟଲ ଥିଲା 'ତିନ୍ ପତି'। ନିଜର ୧୪ ବର୍ଷର ଆକ୍ଟିଂ କ୍ୟାରିୟରରେ ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡିକ ମଧରେ ରହିଛି- 'ଆଶିକୀ-୨', 'ଏକ୍ ଭିଲେନ୍', 'ଉଙ୍ଗଲି', 'ବାଗୀ', 'ଓକେ ଜାନୁ', 'ହାଫ୍ ଗର୍ଲଫ୍ରେଣ୍ଡ' ଏବଂ 'ବାଗୀ-୩'।


ଶ୍ରଦ୍ଧା

# ଅବସର ମିଳିଲେ...

ମୃଣାଳ ଠାକୁରଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଛୋଟ ପରଦାରୁ। ଧାରାବାହିକ 'କୁମ୍‌କୁମ୍ ଭାଗ୍ୟ' ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ୨୦୧୮ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଆଉ ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମାର ଟାଇଟଲ ଥିଲା 'ଲଭ୍ ସୋନିଆ'। ପ୍ରାରମ୍ଭରୁ ତାଙ୍କୁ ସଫଳତା ମିଳି ନ ଥିଲେ ବି ସେ ଭାଙ୍ଗି ପଡି ନ ଥିଲେ। ପରବର୍ତ୍ତୀ ସମୟରେ ସେ ଉଭୟ ତେଲୁଗୁ ଏବଂ ହିନ୍ଦୀ ସିନେମାରେ ନିଜର ଅଭିନୟ ଦକ୍ଷତା ଦେଖାଇ ସାଉଁଟି ଚାଲିଛନ୍ତି ପ୍ରଶଂସା। ତେବେ ତାଙ୍କୁ ଯେତେବେଳେ ଅବସର ମିଳେ ସେ କ'ଣ କରନ୍ତି ଜାଣନ୍ତି ? ସେ ବହି ପଢ଼ିବାରେ ବ୍ୟସ୍ତ ରହନ୍ତି। ଭଲ ଭଲ ଲେଖକଙ୍କ ବହି ସେ ସଂଗ୍ରହ କରି ଘରେ ରଖିଛନ୍ତି। ବହି ପଢ଼ିବା ଅଭ୍ୟାସ ତାଙ୍କର ପିଲାଟି ଦିନରୁ ରହିଆସିଛି। ମାସ୍ ମିଡିଆରେ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସ୍କୁଲ ଏବଂ କଲେଜ କ୍ୟାରିୟରରେ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ବଲିଉଡ୍‌ରେ ତାଙ୍କର ମନ ପସନ୍ଦର ଅଭିନେତା କିଏ ଜାଣନ୍ତି ? ସଲମାନ ଖାଁ। ସବୁଠାରୁ ଖାସ୍ କଥା ହେଲା, ସେ ସଲମାନ୍‌ଙ୍କ ଅଭିନୀତ ସମସ୍ତ ସିନେମା ଦେଖି ସାରିଛନ୍ତି। ମୃଣାଳ କେତୋଟି ମରାଠୀ ଫିଲ୍ମରେ ମଧ ଅଭିନୟ କରିସାରିଛନ୍ତି। ବର୍ତ୍ତମାନ ସେ ପର୍ଶୁରାମଙ୍କ ନିର୍ଦ୍ଦେଶିତ ଏବଂ ବିଜୟ ଦେବରକୋଣ୍ଡାଙ୍କ ଅଭିନୀତ ନିର୍ମାଣାଧୀନ ତେଲୁଗୁ ଫିଲ୍ମ 'ଫ୍ୟାମିଲି ଷ୍ଟାର'ରେ ଅଭିନୟ କରୁଛନ୍ତି। ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୫ରେ ରିଲିଜ ହେବାର ଯୋଜନା ରହିଛି।


ମୃଣାଳ

# ପାଖେଇ ଆସୁଛି ଦିନ

ଶୁଭ ଦିନ ଯେତିକି ପାଖେଇ ଆସୁଛି ସେହି ଅନୁସାରେ ସୋନାକ୍ଷୀ ସିହ୍ନାଙ୍କ ଉତ୍କଣ୍ଠା ବଢ଼ି ବଢ଼ି ଚାଲିଛି। ହେଲେ ସେହି ଶୁଭ ଦିନଟି କ'ଣ ? କେହି କେହି ହୁଏତ ଭାବୁଥିବେ ସୋନାକ୍ଷୀ ଘର ସଂସାର କରିବାକୁ ମନେ ମନେ ସ୍ଥିର କରିସାରିଲେଣି କି ? ନା, ସେକଥା ନୁହେଁ। ଅସଲ କଥା ହେଲା ସେ ଅଭିନୟ କରିଥିବା ବିଗ୍ ବଜେଟ୍ ଫିଲ୍ମ 'ବଡେ ମିଆଁ ଛୋଟେ ମିଆଁ' ଚଳିତ ବର୍ଷ ଇଦ୍ ଅର୍ଥାତ୍ ଏପ୍ରିଲ ୧୨ରେ ରିଲିଜ ହେବାକୁ ଯାଉଛି। ତେଣୁ ସୋନାକ୍ଷୀ ବେଶ୍ ଉତ୍ସୁକତାର ସହ ସେହି ଶୁଭ ଦିନକୁ ଚାହିଁ ବସିଛନ୍ତି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ। ନିକଟରେ ଏହାର ଏକ ଗୀତ 'ମସ୍ତ ମଲଙ୍ଗ ଝୁମ୍' ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। ଗୀତଟିରେ ଅକ୍ଷୟ ଏବଂ ଟାଇଗର ନାଚିଥିବା ବେଳେ ଶେଷ ଭାଗରେ ସୋନାକ୍ଷୀ ଏଣ୍ଟ୍ରି କରୁଛନ୍ତି। ଉକ୍ତ ଗୀତଟିକୁ ଅରିଜିତ ସିଂ ଗାଇଥିବା ବେଳେ ସ୍ୱର ସଂଯୋଜନା କରିଛନ୍ତି ବିଶାଲ ମିଶ୍ର। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଲ୍ଲୀ ଆବାସ ଜାଫର। ବାସୁ ଭଗନାନି ଏବଂ ଜ୍ୟାକି ଭଗନାନିଙ୍କ ଦ୍ୱାରା ପ୍ରଯୋଜିତ ଏହି ଚିତ୍ରଟିର ବଜେଟ୍ ରହିଛି ପ୍ରାୟ ୩୫୦କୋଟି।


ସୋନାକ୍ଷୀ

# ପ୍ରଭାସଙ୍କ ସଜବାଜ

'ବାହୁବଳୀ' ଫେମ୍ ପ୍ରଭାସ ଏବେ ଭାରି ବ୍ୟସ୍ତ। ହେଲେ କୌଣସି ସିନେମାର ଶୁଟିଂକୁ ନେଇ ନୁହେଁ। ବରଂ ଆଗାମୀ ଫିଲ୍ମର ଶୁଟିଂ ପୂର୍ବରୁ ନିଜକୁ ପ୍ରସ୍ତୁତ କରିବାରେ। କେମିତି ନିଜ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବେ ସେ ନେଇ ପୁରାଦମ୍‌ରେ ଲାଗିପଡିଛନ୍ତି ଏହି ସାଉଥ ଷ୍ଟାର। କଥା କ'ଣ କି 'ଆନିମଲ୍' ସୁପରହିଟ୍ ହେବା ପରେ ଏହାର ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡି ଭାଙ୍ଗା ଏବେ ଆଉ ଏକ ପ୍ରୋଜେକ୍ଟ ଆରମ୍ଭ କରିଦେଇଛନ୍ତି। ଅବଶ୍ୟ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ହେଲେ ଏହି ଫିଲ୍ମର ଲିଡ୍ ରୋଲ୍‌ରେ ପ୍ରଭାସ ଅଭିନୟ କରିବେ ବୋଲି ଘୋଷଣା ହୋଇସାରିଛି। ଉକ୍ତ ଚିତ୍ରର ଟାଇଟଲ ରହିଛି 'ସ୍ପିରିଟ୍'। ଏହାର ଶୁଟିଂ ଚଳିତ ବର୍ଷ ଶେଷ ଆଡକୁ ଆରମ୍ଭ ହେବ ବୋଲି ସନ୍ଦୀପ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଫିଲ୍ମ ବିଷୟରେ ପ୍ରଭାସ କହନ୍ତି, 'ସନ୍ଦୀପଙ୍କ ନିର୍ଦ୍ଦେଶନାରେ କେତେ ଦମ୍ ଅଛି ତାହା ମୁଁ 'ଆନିମଲ୍' ଦେଖିବା ପରେ ଜାଣିପାରିଲି। ଯେତେବେଳେ ସେ ତାଙ୍କର ନୂଆ ପ୍ରୋଜେକ୍ଟ 'ସ୍ପିରିଟ୍'ରେ କାମ କରିବାକୁ ମୋତେ ଅଫର ଦେଲେ ସେତେବେଳେ ତାହାକୁ ମୁଁ ଏଡାଇ ପାରିଲି ନାହିଁ। ଏବେ ଏ ନେଇ ମୁଁ ନିଜକୁ ପ୍ରସ୍ତୁତ କରୁଛି। ଚଳିତ ବର୍ଷ ଡିସେମ୍ବରରେ ଶୁଟିଂ ଆରମ୍ଭ ହେବାର ଯୋଜନା ରହିଛି। ତେଣୁ ଏହି କେଇ ମାସ ଭିତରେ ମୁଁ ନିଜକୁ ପ୍ରିପେୟାର କରିନେବି।' କେବଳ ସେତିକି ନୁହେଁ ସନ୍ଦୀପଙ୍କ ଆଗାମୀ ଦୁଇଟି ପ୍ରୋଜେକ୍ଟରେ ଆଲ୍ଲୁ ଅର୍ଜୁନ ଏବଂ ସଲମାନ ଖାଁ ଅଭିନୟ କରିବାକୁ ଯାଉଛନ୍ତି।


ପ୍ରଭାସ

ପ୍ରଥମ ରୋଜଗାର

# ପ୍ରଥମ ରୋଜଗାରରେ ବହି ଛାପିଥିଲି



ଚିତ୍ରଶିଳ୍ପୀ ତଥା ସାହିତ୍ୟିକ ଡକ୍ଟର ଗୌରହରି ରାଉତ (ରୂପକଳ୍ପ) ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଅ**ବିଭକ୍ତ କଟକ ଜିଲା(ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲା)ର ରାଜନଗର ବ୍ଲକ ଅନ୍ତର୍ଗତ ପ୍ରାକୃତିକ ପରିବେଶଘେରା ସମୁଦ୍ରକୂଳିଆ ଗାଁ ଏଣ୍ଡୁଲାପୁରରେ ମୋର ଜନ୍ମ। ବାପା ଉତ୍ତମ ଚରଣ ରାଉତ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ପିଲାବେଳେ ବଡ଼ବାପା ନାରାୟଣ ରାଉତ ମୋ ଖେଳିବା ପାଇଁ କଞ୍ଚାମାଟିରେ ବିଭିନ୍ନ ପ୍ରକାର ଖେଳନା ତିଆରି କରି ଦେଉଥିଲେ। ପରେ ମୁଁ ଯେତେବେଳେ ଆମ ଗାଁ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିଲି, ତତ୍କାଳୀନ ପ୍ରଧାନ ଶିକ୍ଷକ ମହେଶ୍ୱର ପଲ୍ଲାଇ କଳାପଟାରେ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କି ଦେଉଥିଲେ ଓ ମୁଁ ସେସବୁକୁ ଅତିଆଗ୍ରହର ସହିତ ଡ୍ରଇଂ ଖାତାରେ ନକଲକରି ନେଉଥିଲି। ପିଲାଦିନେ ଏହି ଦୁଇ ବ୍ୟକ୍ତିତ୍ୱଙ୍କ ଦ୍ୱାରା ମୁଁ ଗଭୀର ଭାବେ ପ୍ରଭାବିତ ହୋଇଥିଲି ଚିତ୍ର ଆଙ୍କିବା ପାଇଁ। କେନ୍ଦ୍ରାପଡ଼ା କଲେଜରେ ଓଡ଼ିଆ ଅନର୍ସ ନେଇ +୩ ପଢ଼ିଲାବେଳେ ବିଭିନ୍ନ ଲୋକଙ୍କ ପ୍ରେରଣା ଫଳରେ ଚିତ୍ର ଆଙ୍କିବାର ନିଶା ବହୁଗୁଣିତ ହୋଇଯାଇଥିଲା। ଶେଷରେ ନିଷ୍ପତ୍ତି ନେଲି ଭୁବନେଶ୍ୱରସ୍ଥିତ ବି.କେ. ଆର୍ଟ କଲେଜରେ ପଢ଼ିବା ପାଇଁ। ଆଡ୍‌ମିଶନ ନେଇ ପଢ଼ିଲି ବି। ୧୯୯୧ ମସିହାର ଘଟଣା। ସେତେବେଳେ ମୁଁ ବି.କେ. ଆର୍ଟ କଲେଜରେ ଶେଷବର୍ଷ ଡିଗ୍ରୀ ପରୀକ୍ଷା ଦେଇଥାଏ; କିନ୍ତୁ ଫଳ ବାହାରି ନ ଥାଏ। ଏହି ସମୟରେ ଜଣେ ଦିବଂଗତ ଡିଫେନ୍ସ କର୍ଣ୍ଣେଲଙ୍କ ବରାଦିଆ ତୈଳରଙ୍ଗ ପ୍ରତିକୃତି ଅଙ୍କନ ବାବଦରେ ମୋତେ ମିଳିଥାଏ ୩୦୦୦ ଟଙ୍କା। ସେ ସମୟରେ ଏହି ଟଙ୍କା ମୋତେ ଭାରି ବଡ଼ ମନେହେଉଥାଏ। ଯଦିଓ ତା'ପୂର୍ବରୁ କିଛି କିଛି ପଇସା ରୋଜଗାର କରୁଥିଲି; ମାତ୍ର ସେଦିନ ପ୍ରଥମଥର ପାଇଁ ଏତେ ଟଙ୍କା ପାଇ ବହୁତ ଖୁସି ହୋଇଯାଇଥିଲି। ଏହା ହିଁ ଥିଲା ମୋ ପାଇଁ ପ୍ରଥମ ମୋଟାଅଙ୍କର ପାରିଶ୍ରମିକ। ସଂଯୋଗବଶତଃ ସେଇ ବର୍ଷ ରାଜ୍ୟ ସରକାର ମୋତେ ଓଡ଼ିଶା ଲଳିତ କଳା ଏକାଡେମୀ ପୁରସ୍କାରରେ ସମ୍ବର୍ଦ୍ଧିତ କରିଥାନ୍ତି; ଯେଉଁ ପୁରସ୍କାରର ଅର୍ଥରାଶି ଥିଲା ୫୦୦୦ ଟଙ୍କା। ସେ ସମୟରେ ଚିତ୍ରକଳା ସହ ମୋର କବିତା ଲେଖିବାର ଝୁଙ୍କ୍ ବି ଥିଲା। ଯାହା ବି କବିତା ଲେଖେ ସେହି ସମୟରେ କଲେଜର ଅଧ୍ୟକ୍ଷ ଥିବା ଡକ୍ଟର ଦିନନାଥ ପାଠୀ ସାର୍‌ଙ୍କୁ ନେଇ ଦେଖାଏ। ଦିନେ ସେ ଖୁସିହୋଇ ମୋତେ ପରାମର୍ଶ ଦେଲେ କବିତାର ଏକ ପାଣ୍ଡୁଲିପି ପ୍ରସ୍ତୁତକରି ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ। ପାଠୀ ସାର୍ କେବଳ ଜଣେ ପ୍ରତିଷ୍ଠିତ ଚିତ୍ରଶିଳ୍ପୀ ନ ଥିଲେ, ଆଗଧାଡ଼ିର ଲେଖକ ବି ଥିଲେ। ତାଙ୍କରି ପରାମର୍ଶକ୍ରମେ ତାହା ହିଁ କଲି। ପ୍ରଥମ କବିତା ପୁସ୍ତକ ହେତୁ ପାଣ୍ଡୁଲିପିର ନାମକରଣ କରିଥିଲି 'ଉଦୟଧ୍ୱନି'। ଈଶ୍ୱରଙ୍କ କୃପାରୁ ପାଣ୍ଡୁଲିପିକୁ ସ୍ୱୀକୃତି ମିଳିଲା ଛପାହେବା ପାଇଁ ଏବଂ ଛପାଖର୍ଚ୍ଚ ବାବଦକୁ ସଂସ୍କୃତି ବିଭାଗ ତରଫରୁ ଅନୁଦାନ ମିଳିଥିଲା ୩୦୦୦ ଟଙ୍କା। ଏହିପରି ଭାବରେ ସେହି କିଛିଦିନ ଭିତରେ ମୋର ସର୍ବମୋଟ ରୋଜଗାର ହୋଇଥିଲା ୧୧,୦୦୦ ଟଙ୍କା। ଆଉ ସେହି ସମୁଦାୟ ଅର୍ଥରାଶିରେ ମୋର ପ୍ରଥମ କବିତା ପୁସ୍ତକ 'ଉଦୟଧ୍ୱନି' ୧୯୯୧ ମସିହାରେ ଆତ୍ମପ୍ରକାଶ କଲା। 'ଉଦୟଧ୍ୱନି' ପୁସ୍ତକର ପ୍ରାୟ ସବୁ କବିତା ଥିଲା ଛନ୍ଦଧର୍ମୀ; ଯାହା ମୋତେ ଅନେକ ପ୍ରସିଦ୍ଧି ଦେଇଥିଲା। କବିତା, ପ୍ରବନ୍ଧ, ଗଳ୍ପ, ରମ୍ୟରଚନା, ଉପନ୍ୟାସକୁ ମିଶାଇ ଏଯାବତ୍ ମୋ କଲମରୁ ୧୩ଟି ପୁସ୍ତକ ପ୍ରକାଶ ପାଇସାରିଛି ଓ ଆଉ କିଛି ପ୍ରକାଶ ଅପେକ୍ଷାରେ । ମାତ୍ର ପ୍ରଥମ ରୋଜଗାରରେ ପ୍ରକାଶ ପାଇଥିବା କବିତା ପୁସ୍ତକ 'ଉଦୟଧ୍ୱନି'ର ପହିଲି ପୁଲକ ଆଜି ବି ଅନେକ ସମୟରେ ମୋତେ ଆନମନା କରେ। ବର୍ତ୍ତମାନ ମୁଁ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କ୍ରମାଙ୍କ-୪, ଭୁବନେଶ୍ୱରରେ ଚିତ୍ରକଳା ଅଧ୍ୟାପକ ଭାବେ କାର୍ଯ୍ୟରତ। ଏତଦ୍‌ବ୍ୟତୀତ ପୁସ୍ତକ ଓ ମୋ ଛବି ବିକ୍ରୟକରି ଆଉ କିଛି ରୋଜଗାର ବି କରୁଛି। କିନ୍ତୁ ପ୍ରଥମ ରୋଜଗାରରେ ପୁସ୍ତକ ଛାପିବା ଘଟଣା ମୋ ପାଇଁ ଅଭୁଲା ହୋଇ ରହିଛି। ଆଉ ପ୍ରଥମ ରୋଜଗାରରୁ ଆରମ୍ଭ ହୋଇଥିବା ମୋର ଏ ସୃଜନଯାତ୍ରା ପଥରେ ଧର୍ମପତ୍ନୀ ସାଧନା ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଛନ୍ତି।

# ଲାଜୁଆ ଚାହାଣୀ କଅଁଳ କଥା, ଘଡିକେ ଘୁରାଇ ଦେଉଛି ମଥା

**ପ୍ରଶ୍ନ**–ଜଣେ ସୁନ୍ଦରୀର ଲାଜୁଆ ଚାହାଣୀ ଆଉ କଅଁଳ କଥା ମୋତେ ପାଗଳ କରିଦେଇଛି। ତାକୁ କ'ଣ ନିଜର କରିପାରିବିନି ?

*–ବିଶ୍ୱଜିତ ସାହୁ, ବଲାଙ୍ଗୀର*

**ଉତ୍ତର:** ଯେଉଁ ସୁନ୍ଦରୀ କଥା ଭାବି ଭାବି ଆପଣଙ୍କ ଦିନ ବିତିଯାଉଛି ତା'ର ଠିକଣା ବୋଧହୁଏ ଜାଣିନାହାନ୍ତି। ସେପଟେ ସେହି ତରୁଣୀର କଥା ଆପଣଙ୍କ ମନକୁ ଆନ୍ଦୋଳିତ କରୁଛି। ପୁଣି ଆପଣଙ୍କ ମନ ଭିତରେ ଉଦ୍‌ବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। 'ଲାଜୁଆ ଚାହାଣୀ କଅଁଳ କଥା, ଘଡିକେ ଘୁରାଇ ଦେଉଛି ମଥା।' ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମନାରେ ଓଗାଳି ପକାନ୍ତୁ। ଯଦି ବହି ଫିଟ୍ ହୋଇଗଲା, ତେବେ ଧରିନିଅନ୍ତୁ ଯେ ଯାହାକୁ ନେଇ ଆପଣ ଟେନସନରେ ତାହା ହୁଏତ ଦୂର ହୋଇଯାଇଛି।

**ପ୍ରଶ୍ନ**–ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାହାକୁ ଗ୍ରହଣ କରିବ ତ ?

*–ଅତୀଶ କୁମାର, ଢେଙ୍କାନାଳ*

**ଉତ୍ତର:** ସେହି ସୁନ୍ଦରୀର ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ତେଣୁ ବାଉଳା ନ ହୋଇ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ**–ଜଣକ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*–ଅମୀୟ ରାଉତ, କଟକ*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ କରିବା ସମୟରେ ବୋଧହୁଏ କିଛି ଭୁଲ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ**–ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*–ପ୍ରୀତମ, ସୁନାବେଡା*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ**–ମୋ ପ୍ରଥମ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ୟା ଭିତରେ ମୁଁ ୩-୪ ଜଣ ଝିଅଙ୍କୁ ପ୍ରପୋଜ କରିସାରିଲିଣି। ହେଲେ ସେପଟୁ କିଛି ଉତ୍ତର ମିଳୁନାହିଁ। କ'ଣ କରିବି ?

*–ଜିତେନ ରାଉତ, କନ୍ଧମାଳ*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ତ ପର କରି ଚାଲିଗଲା। ଏବେ ସେ ବିଷୟରେ ଭାବିଲେ କ'ଣ ହେବ ? ପୁରୁଣା ଘା'କୁ ଉଖୁରିଲେ କେବଳ ଯନ୍ତ୍ରଣା ହୁଏ ସିନା ହେଲେ ମନକୁ ଶାନ୍ତି ମିଳେନା। ପ୍ରଥମ ପ୍ରେମରେ ଅସଫଳ ହେବା ପରେ ଉଲ୍ଲେଖ କରିଛନ୍ତି ଯେ, ଆହୁରି ୩-୪ ଜଣଙ୍କୁ ପ୍ରପୋଜ କରିଥିଲେ। ହେଲେ ସେପଟୁ କିଛି ଉତ୍ତର ମିଳିଲା ନାହିଁ। ହୁଏତ ସେହି ପ୍ରେମ ଧୀରେ ଧୀରେ ମଉଳି ଗଲାଣି। ପ୍ରପୋଜ କରିବା ପୂର୍ବରୁ ପାଣିପାଗ ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ। ଯଦି ସବୁକିଛି ଠିକ୍ ଅଛି ତେବେ ଆଗେଇଲେ ହୁଏତ ଆପଣଙ୍କ ମିଶନ ସକସେସ ହୋଇପାରେ। ନ ହେଲେ କଥାଟି କେବଳ ଅନ୍ଧାରରେ ବାଡି ବୁଲାଇବା ପରି ହେବ।





# ପ୍ରତି ଚିତ୍ରରେ ରହିଛି ଅନୁଭୂତି ଓ କାହାଣୀ

ପିଲାଟିଦିନରୁ ତାଙ୍କର ଚିତ୍ରକଳା ପ୍ରତି ରୁଚି ରହିଥିଲା। ଥରେ ତାଙ୍କ ଗାଁ ନିକଟ ଏକ ସ୍କୁଲରେ ଆୟୋଜିତ ହେଉଥିବା ଚିତ୍ରକଳା ପ୍ରତିଯୋଗିତାରେ ସେ ଭାଗନେବାକୁ ଚାହିଁଥିଲେ। ମାତ୍ର ସେଦିନ ତାଙ୍କୁ ସେଠାରେ ସୁଯୋଗ ମିଳି ନ ଥିଲା। କିନ୍ତୁ ସମୟ ତାଙ୍କୁ ପରେ ଜଣେ ଚିତ୍ରଶିଳ୍ପୀ ଭାବେ ପରିଚୟ ଦେଇଥିଲା। ସେ ହେଲେ **କ୍ରିତିକ୍ରିଷ୍ଣା ପଣ୍ଡା**। ମା' ତିଳୋତ୍ତମା ମିଶ୍ର ଡାକ ବିଭାଗର ଜଣେ କର୍ମଚାରୀ, ପିତା ସ୍ନେହାଶିଷ ପଣ୍ଡା ଜଣେ ଆଇନଜୀବୀ। ଘର ଭଦ୍ରକ ଜିଲା ଧାମନଗର ବ୍ଲକ କଟସାହି ସହିନନଗରସ୍ଥିତ ବଉଳନାଳି ଶାସନରେ। ସେ କୁହନ୍ତି, 'ପିଲାଟି ଦିନରୁ ଚିତ୍ର ଅଙ୍କନ ପ୍ରତି ମୋର ରୁଚି ରହିଥିଲା। ସରସ୍ୱତୀ ଶିଶୁମନ୍ଦିରରେ ପାଠ ପଢୁଥାଏ, ଥରେ ନିକଟସ୍ଥ ଏକ ସ୍କୁଲରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ଭାଗନେବା ପାଇଁ ଯାଇଥିଲି। ସେଠାରେ ମୋ ନାମ ଦେଇଥିଲି, ମାତ୍ର ମୋତେ ସେହି ପ୍ରତିଯୋଗିତାରେ ଯୋଗଦେବାକୁ ମନା କରିଥିଲେ। ଏଥିଯୋଗୁ ମୋ ମନରେ ବହୁତ ଦୁଃଖ ଲାଗିଥିଲା। ଘରକୁ ଫେରିଆସିଲି। ହେଲେ ମୋ ମନ ଭାରି କଷ୍ଟ ହେଉଥାଏ। ସେଦିନଠାରୁ ସଙ୍କଳ୍ପ ନେଲି, ଯେମିତି ହେଉ ଜଣେ ଚିତ୍ରଶିଳ୍ପୀ ହେବି। ଏଥିପାଇଁ ସାଧନା ଜାରି ରଖିଲି। ମୋର ଚିତ୍ରକଳା ପ୍ରତି ଆଗ୍ରହ ଥିବାରୁ ଚିତ୍ରକଳା ଶିକ୍ଷା ପାଇଁ ୬ଷ୍ଠ ଶ୍ରେଣୀ ବେଳରୁ ହିଁ ବାବାଙ୍କୁ ଜଣାଇଥିଲି। ତା'ପରେ ଗୁରୁ ଜୟନ୍ତ କୁମାର ନାୟକଙ୍କଠାରୁ ଚିତ୍ରକଳା ଶିକ୍ଷା କଲି। ଭଦ୍ରକ ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀନିବାସରେ ରହି ପାଠ ପଢୁଥାଏ। ସେତେବେଳେ ବିଭିନ୍ନ ଚିତ୍ର ଅଙ୍କନ କରିବା ଦେଖି ପ୍ରଧାନ ଶିକ୍ଷୟିତ୍ରୀ ସି.ଏଚ୍. ବିଜୟଲକ୍ଷ୍ମୀ ମୋ ଚିତ୍ରକୁ ଦେଖି ଖୁବ୍ ପ୍ରଶଂସା କରିଥିଲେ। ସ୍କୁଲସ୍ତରରେ ଆୟୋଜିତ ବିଭିନ୍ନ ଚିତ୍ରକଳା ପ୍ରତିଯୋଗିତାରେ ଭାଗନେଇ ଏକାଧିକ ଥର ପ୍ରଥମ ସ୍ଥାନ ହାସଲ କରିଥିବାରୁ ମନରେ ଉତ୍ସାହ ବଢ଼ିଯାଇଥିଲା। ଥରେ ଭୁବନେଶ୍ୱରରେ ଆୟୋଜିତ ୱାର୍ଲଡ ଆର୍ଟିଷ୍ଟ ଡେ'ରେ ଯୋଗଦେଇ କେତୋଟି ଚିତ୍ର ପ୍ରଦର୍ଶନ କରିଥିଲି। ଏଠାରେ ମୋତେ ପଦ୍ମଶ୍ରୀ ରଘୁନାଥ ମହାପାତ୍ର, ପ୍ରମାଣପତ୍ର ଓ ଏକ ମେଡାଲ ଦେଇ ସମ୍ମାନିତ କରି କହିଥିଲେ, ତୁ ନିଶ୍ଚୟ ଆମ କଳାଜଗତର ନାଁ ରଖିବୁ। ତାଙ୍କର ଏହି ପଦକ କଥା ସବୁବେଳେ ମୋତେ ପ୍ରେରଣା ଦେଉଛି। କିପରି ଚିତ୍ରକଳାରେ ଉଚ୍ଚଶିକ୍ଷା ଲାଭ କରିବି ସେହି ଚିନ୍ତା ମନରେ ଥାଏ। ସମୟକ୍ରମେ ଭଦ୍ରକ କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ୪ବର୍ଷୀୟ ତାଲିମ ନେଲି। ବିଶେଷକରି ପ୍ରାକୃତିକ ପରିବେଶ, ବୃକ୍ଷଲତାର ସୁରକ୍ଷା, ସ୍ୱଚ୍ଛ ପରିବେଶ, ନାରୀ ସୁରକ୍ଷା, ସଡ଼କ ସୁରକ୍ଷା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ସମ୍ପର୍କିତ ଚିତ୍ର ଅଙ୍କନ କରିଥାଏ। ମୋ ଦ୍ୱାରା ଅଙ୍କନ ହୋଇଥିବା ବିଭିନ୍ନ ଚିତ୍ର ବ୍ଲକସ୍ତରଠାରୁ ଆରମ୍ଭକରି ଜିଲା, ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ନିଜର ଶ୍ରେଷ୍ଠ କଳାକୃତିର ପ୍ରଦର୍ଶନ କରି ପୁରସ୍କୃତ ହୋଇଛି। ଏଯାଏ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଚିତ୍ର ଅଙ୍କନ କରିସାରିଲିଣି। ପୁରସ୍କାର ଭାବେ କଲିକତା ଆର୍ଟ ଫାଉଣ୍ଡେଶନ, ଜ୍ୟୋତି ଗ୍ରୁପ୍ ଅଫ୍ ଫାଇନ୍ ଆର୍ଟ, ଇଣ୍ଡିଆନ୍ ବୁକ୍ ଅଫ୍ ରେକର୍ଡ, ମଲ୍ଟି ଟ୍ୟାଲେଣ୍ଟ ଆୱାର୍ଡ, ଓଡ଼ିଶା ଲଳିତକଳା ଏକାଡେମୀ, ସଂସ୍କୃତି ବିଭାଗ ଉତ୍ତରପ୍ରଦେଶ ସ୍ୱଦେଶ ଗୌରବ ସମ୍ମାନ, ଆନ୍ତର୍ଜାତୀୟ ଯୁବ ସମ୍ମାନ, ମେକ୍ସିକୋ ଆର୍ଟ, ତୁର୍କୀର ଫେରିଆ ଗୋକେନ, ଧଉଳି ଆର୍ଟ ଇନକ୍ରେଡିବଲ ଆର୍ଟ, ଓଡ଼ିଶା କଲଚର, ଅଯୋଧ୍ୟାସ୍ଥିତ ସ୍ୱଦେଶ ସଂସ୍ଥାନ ପକ୍ଷରୁ ମଧ୍ୟ ଗ୍ରେଟ୍ ଜେନିଉସ ଅଫ ଦି ଇୟର ୨୦୨୧ , ସ୍ୱଦେଶ ଏକ୍ସିଲେନ୍ସ ଆୱାର୍ଡ ମିଳିଛି। ଭଦ୍ରକ ମହୋତ୍ସବ, ମୟୂରଭଞ୍ଜ, କଳାହାଣ୍ଡି, ଖୋର୍ଦ୍ଧା, ସମ୍ବଲପୁର ଆଦି ଜିଲାରେ ଆୟୋଜିତ ମହୋତ୍ସବରୁ ସମ୍ମାନିତ ହୋଇପାରିଛି। କଳାକୁଞ୍ଜ, ଦକ୍ଷତା ଆର୍ଟ ଆଦି ଶତାଧିକ ପୁରସ୍କାର ଓ ସମ୍ମାନ ମିଳିସାରିଲାଣି। ଇଣ୍ଡିଆନ ଆଇକନ ଆୱାର୍ଡରେ ସମ୍ମାନିତ, ଇଣ୍ଡିଆନ ଆର୍ଟ ଫ୍ୟାକ୍ଟ୍ରି ଚେନ୍ନାଇ ପକ୍ଷରୁ ଚିତ୍ରକଳା କ୍ଷେତ୍ରରେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ସମ୍ମାନିତ ହୋଇଛି। ଅନ୍ତର୍ଜାତୀୟସ୍ତରରେ ଇଂଲଣ୍ଡ, ବ୍ରାଜିଲ, ଇଣ୍ଡୋନେସିଆ, ଆମେରିକା, ସାଉଥ୍ ଆଫ୍ରିକା ଆଦି ବିଦେଶ ରାଷ୍ଟ୍ରରେ ଚିତ୍ରକଳା ପ୍ରଦର୍ଶନରେ ଅନ୍‌ଲାଇନ ମାଧ୍ୟମରେ ଭାଗନେଇ ପୁରସ୍କୃତ ହୋଇପାରିଛି। ରାଜ୍ୟ, ଦେଶ ତଥା ଅନ୍ତର୍ଜାତୀୟସ୍ତରରେ ଆୟୋଜିତ ବିଭିନ୍ନ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀରେ ଭାଗନେଇଥାଏ। ତେବେ ଯେଉଁ ଚିତ୍ର ଅଙ୍କନ କରେ, ସେଥିରେ ଏକ ଅନୁଭୂତି ରହିଥାଏ। ଏପରିକି କେତେକ ଚିତ୍ରର ପଛରେ ଭିନ୍ନ ଭିନ୍ନ ଘଟଣାର କାହାଣୀ ମଧ୍ୟ ରହିଥାଏ। ଚିତ୍ର କଲାବେଳେ ସେଥିରେ ମୁଁ ଘଣ୍ଟା ଘଣ୍ଟା ଧରି ମଜ୍ଜିଯାଇଥାଏ। ଯେମିତି କି ଅଙ୍କନ କରୁଥିବା ଚିତ୍ରଟିକୁ ପୂର୍ଣ୍ଣାଙ୍ଗ ନ ହେବା ଯାଏ ମୋ ମନ ବୁଝେନା। ଏଥିପାଇଁ ସବୁବେଳେ ମୋ ମନରେ ଜାଣତରେ ହେଉ କି ଅଜାଣତରେ ସୃଷ୍ଟି ହେଉଥିବା ବିଭିନ୍ନ ଭାବନାକୁ ଚିତ୍ରରେ ସ୍ଥାନିତ କରିବାକୁ ପ୍ରୟାସ କରିଥାଏ। ମୋର ବିଶ୍ୱାସ ରାଧାକାନ୍ତ ଜୀଉ,ଦଧିବାମନ ଜୀଉ ଓ ମାଲକ୍ଷ୍ମୀଙ୍କ କୃପାରୁ ମୋ ସାଧନା ସଫଳ ହୋଇଛି। ଓଡ଼ିଶାର ମହାମହିମ ରାଜ୍ୟପାଳ ଏବଂ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ନିଜର କଳାକୃତି ପ୍ରଦାନପୂର୍ବକ ସେମାନଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଛି। ସମସ୍ତଙ୍କଠାରେ ଈଶ୍ୱର ଭିନ୍ନ ଭିନ୍ନ ପ୍ରତିଭା ଦେଇଛନ୍ତି। ଉପଯୁକ୍ତ ପରିବେଶରେ ସାଧନା ପାଇଁ ସୁବିଧା ସୁଯୋଗ ମିଳିଲେ ତାହା ଶୀଘ୍ର ଲୋକଲୋଚନକୁ ଆସିଥାଏ ଏବଂ ସମାଜରେ ତାକୁ ସ୍ଥାନ ମିଳିଥାଏ।







# ଗରିବ ପିଲାଙ୍କ ନୃତ୍ୟ ଗୁରୁ



ପିଲାଟିବେଳୁ ତାଙ୍କର ନୃତ୍ୟ ପ୍ରତି ରହିଥିଲା ପ୍ରବଳ ଦୁର୍ବଳତା। ସାତବର୍ଷ ବୟସ ହୋଇଥିବା ବେଳେ ସେ ମା'ଙ୍କ ପ୍ରୋତ୍ସାହନରେ ନୃତ୍ୟ ଶିକ୍ଷା କରିଥିଲେ। ସମୟକ୍ରମେ ବିଭିନ୍ନ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଲେ। ସେ ହେଲେ **ଇତିଶ୍ରୀ ନାୟକ।** ପିତା- ବୈରାଗୀ ନାୟକ,ମାତା-ରଞ୍ଜନା ନାୟକ। ଘର ଜଗତ୍‌ସିଂହପୁର ଜିଲା ଷଣ୍ଢକୁଦ, ପାରାଦୀପ ମ୍ୟୁନିସିପାଲିଟିରେ। ସେ କୁହନ୍ତି, 'ସ୍କୁଲ ବୟସରୁ ଓଡ଼ିଶୀନୃତ୍ୟ ପ୍ରତି ମନବଳାଇଥିଲି। ୨୦୦୯ ମସିହାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନୃତ୍ୟଶିକ୍ଷା ଆରମ୍ଭକରି ୨୦୧୪ ମସିହାରେ ଓଡ଼ିଶୀ ନୃତ୍ୟରେ ଗ୍ରାଜୁଏଶନ ଶେଷ କଲି। ୨୦୧୬ ମସିହାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଓଡ଼ିଶୀ ନୃତ୍ୟରେ ସ୍ନାତକୋତ୍ତର ଶେଷ କରିବା ସହିତ ଦର୍ଶନଶାସ୍ତ୍ରରେ ସ୍ନାତକ କଲି। ଓଡ଼ିଶୀରେ ମୋର ଗୁରୁମାନେ ହେଲେ ଗୁରୁଶ୍ରୀ ନିରଞ୍ଜନ ରାଉତ, ଗୁରୁଶ୍ରୀ ନବକିଶୋର ମିଶ୍ର, ଗୁରୁଶ୍ରୀ ଲିଙ୍ଗରାଜ ସ୍ୱାଇଁ, ଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଗୁରୁଶ୍ରୀ ମନୋରଞ୍ଜନ ପ୍ରଧାନ ଓ ଗୁରୁଶ୍ରୀ ପଙ୍କଜ କୁମାର ପ୍ରଧାନ। ମୁଁ ଯେତେବେଳେ ପାରାଦୀପରେ ଥିବା ନୋଳିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୃତ୍ୟ ଶିକ୍ଷୟିତ୍ରୀ ଭାବେ କାମ କଲି ସେହି ସମୟରୁ ନିଜସ୍ୱ ପ୍ରଚେଷ୍ଟାରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଛି। ପାରାଦୀପରେ ପରମଜ୍ୟୋତି କଳାକ୍ଷେତ୍ର ନାମରେ ଏକ ଓଡ଼ିଶୀ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠାକରି ବସ୍ତି ଅଞ୍ଚଳର ଗରିବ, ଅନଗ୍ରସର ପିଲାମାନଙ୍କୁ ନିଃଶୁଳ୍କ ଭାବରେ ଓଡ଼ିଶୀ ନୃତ୍ୟ ଶିକ୍ଷା ଦେଉଛି। ଏହି ଅନୁଷ୍ଠାନ ମାଧ୍ୟମରେ ସ୍ୱାମୀ ବିଶ୍ୱଜିତ୍ ରାଉତଙ୍କ ସହଯୋଗରେ କଳାସମ୍ଭାର ନାମରେ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ କାର୍ଯ୍ୟକ୍ରମ ପାରାଦୀପଠାରେ ଆୟୋଜନ କରିଆସୁଛି। ୨୦୧୧ରେ ମୁଁ ରାଜୀବ ଗାନ୍ଧୀ ସମ୍ମାନରେ ସମ୍ମାନିତ ହେବାସହ ସେହି ବର୍ଷ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିବା ବୃହତ୍ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମରେ ଭାଗ ନେଇ ଗିନିଜ୍ ବିଶ୍ୱ ରେକର୍ଡରେ ନିଜ ନାମକୁ ସାମିଲ କରିଥିଲି। ଏହାପରେ ୨୦୧୮ ମସିହାରେ ପାରାଦୀପ ପୌରପାଳିକା ଦ୍ୱାରା ଉତ୍କଳ ଶିଳ୍ପୀ ସମ୍ମାନରେ ସମ୍ମାନିତ ହୋଇଛି। ଏକ ଘରୋଇ ଟିଭି ଚ୍ୟାନେଲରୁ ଓଡ଼ିଶାର ଶ୍ରେଷ୍ଠ ନାରୀ ସମ୍ମାନ - ୨୦୨୪ ପାଇଛି। ଏବେ ମୁଁ ନୃତ୍ୟ ଶିକ୍ଷକ ଭାବେ ଦିଲ୍ଲୀ ପବ୍ଲିକ ସ୍କୁଲ, ପାରାଦୀପ ରିଫାଇନେରି, ଭାରତୀୟ ତୈଳ ବିଶୋଧନାଗାର ନିଗମରେ କାର୍ଯ୍ୟରତ। ଓଡ଼ିଶୀ ନୃତ୍ୟ ମୋତେ ମାନସିକ ଶାନ୍ତି ଦେଇଥାଏ।



କେବିଲ

## ହାଃ ହାଃ

### ଭଉଣୀ

ଝିଅ: ବାପା ଜାଣିଛ, ଆମ ଘରେ ଯୋଉ ବିଲେଇ ଆଉ ଗାଈ ଅଛନ୍ତି ସେମାନେ ଦୁଇ ଭଉଣୀ।

ବାପା: ଦି ଭଉଣୀ ! କେମିତି ?

ଝିଅ: ତମେ ପରା କହିଥିଲ ଗାଈ ଆମର ମା'। ଆଉ ବିଲେଇ ମାଉସୀ। ତା'ହେଲେ ସେ ଦୁହେଁ ଭଉଣୀ ହେଲେ କି ନାଇଁ ?

### ଖୁସି

ରାଘୁ ବାବୁଙ୍କ ଘରୁ ସବୁବେଳେ ହସ ଶବ୍ଦ ଆସେ। ଏହା ଶୁଣି ମୋହନ ବାବୁ: ଆଜ୍ଞା ଆପଣଙ୍କ ଘରୁ ସବୁବେଳେ ହସ ଶବ୍ଦ ଆସେ। ମତେ କହିଲେ, ଏମିତି ହସଖୁସିଭରା ପାରିବାରିକ ଜୀବନର ରହସ୍ୟ କ'ଣ ?

ରଘୁ ବାବୁ: କଥା କ'ଣ କି ମୋ ସ୍ତ୍ରୀ ସବୁବେଳେ ମତେ ଜୋତା ଫିଙ୍ଗିକି ମାରେ। ଜୋତା ଯଦି ମୋ ଦେହରେ ବାଜେ ତା'ହେଲେ ମୋ ସ୍ତ୍ରୀ ହସେ। ଆଉ ଯଦି ନ ବାଜେ ମୁଁ ହସେ। ଏହା ହେଉଛି ମୋ ହସଖୁସିଭରା ପାରିବାରିକ ଜୀବନର ରହସ୍ୟ।

### କାନ

କାନ ଅପରେସନ ପରେ ଭୋଲା: ଜାଣିଛୁ ପପୁ, ମତେ ଭଲ ଶୁଭୁ ନ ଥିବାରୁ ଡାକ୍ତର ଅପରେସନ୍ କରି ମୋର ନୂଆ କାନ ଲଗେଇଦେଲେ।

ପପୁ: ସତ ! ତା'ହେଲେ Happy new Ear..

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ଅରମ୍ବୋଲ ବିଚ୍



ଗୋଆର ଏକ ସୁନ୍ଦର ବେଳାଭୂମି ବା ବିଚ୍ ହେଉଛି ଅରମ୍ବୋଲ । କୋଳାହଳମୟ ପରିବେଶରୁ ଦୂରରେ ଥିବା ଏହି ସ୍ଥାନରେ ଶାନ୍ତିରେ ଟିକେ ସମୟ ବିତାଇବା ପାଇଁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଆଗ୍ରହ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ଅକ୍ଟୋବରରୁ ମାର୍ଚ୍ଚ ମାସ ଭିତରେ ଏଠାକୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସୁଥିବା ଦେଖିବାକୁ ମିଳେ...

### ବିଚ୍‌ରେ ମଧୁର ଜଳର ହ୍ରଦ

ଏକଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଛି ନା ! କିନ୍ତୁ କଥାଟି ସମ୍ପୂର୍ଣ୍ଣ ସତ । ଖାସ୍ ଏହି ମଧୁର ଜଳର ହ୍ରଦ ପାଇଁ ଅରମ୍ବୋଲ ବିଚ୍‌ର ଭିନ୍ନ ଏକ ପରିଚୟ ମଧ ରହିଛି । ଏହି ହ୍ରଦଟି ଅରମ୍ବୋଲ ବିଚ୍‌ଠାରୁ ମାତ୍ର କିଛି ଦୂରରେ ଅବସ୍ଥିତ । ବେଶୀ ବଡ଼ ଆକାରର ନ ହେଲେ ବି ସବୁଜ ଜଙ୍ଗଲରେ ପୂର୍ଣ୍ଣ ଛୋଟ ଛୋଟ ପାହାଡଦ୍ୱାରା ଘେରି ହୋଇ ରହିଥିବା ଏହି ଜଳାଶୟଟି ଏଠାରେ ଏକ ହ୍ରଦର ଭ୍ରମ ସୃଷ୍ଟି କରିଥାଏ । ଅବଶ୍ୟ ଏହି ହ୍ରଦ ନିକଟର ପ୍ରାକୃତିକ ପରିବେଶ ଦେଖିବାକୁ ବେଶ୍ ମନୋରାମ ଲାଗିଥାଏ । ଆଉ ଏଠାକୁ ଅରମ୍ବୋଲ ବିଚ୍‌ଠାରୁ ଚାଲି ଚାଲି ଯିବାକୁ ହୋଇଥାଏ । ପର୍ଯ୍ୟଟକ ଏଠାରେ ସ୍ନାନ କରିବାକୁ ଖୁବ୍ ପସନ୍ଦ କରିଥାନ୍ତି ।







**ବେ**ଳାଭୂମି ବା ବିଚ୍‌ରେ ବସି ପ୍ରକୃତିର ଅପୂର୍ବ ଶୋଭାକୁ ଉପଭୋଗ କରିବାକୁ କାହାକୁ ବା ଭଲ ନ ଲାଗେ । ସେଥିପାଇଁ ତ କାମରୁ ଛୁଟି ମିଳିଲେ ଅନେକେ କେଉଁ ଏକ ବେଳାଭୂମିକୁ କିଛିଦିନ ପାଇଁ ବୁଲି ଯିବାକୁ ପ୍ଲାନିଂ କରିଥାନ୍ତି । ଯଦି ଆପଣ ବି ସେମିତି କିଛି ଯୋଜନା କରୁଥାନ୍ତି, ତା'ହେଲେ ଗୋଆରେ ଥିବା ଅରମ୍ବୋଲ ବିଚ୍ ବା ବେଳାଭୂମି ଆପଣଙ୍କ ପାଇଁ ଏକ ବେଷ୍ଟ ଡେଷ୍ଟିନେଶନ ହୋଇପାରିବ । କାରଣ ଏହି ବେଳାଭୂମିଟିର ପରିବେଶ ଦେଖିବାକୁ ଯେତିକି ଆକର୍ଷଣୀୟ ହୋଇଥାଏ ଠିକ୍ ସେମିତି ଏଠାରେ ପରିଷ୍କାର,ପରିଚ୍ଛନ୍ନତା ପ୍ରତି ବି ବିଶେଷ ଧ୍ୟାନ ଦିଆଯାଇଥାଏ । ଏହାଛଡ଼ା ପର୍ଯ୍ୟଟକଙ୍କୁ ଆନନ୍ଦ ଦେବା ପାଇଁ ଏଠାରେ ବିଭିନ୍ନ ପ୍ରକାର ଜଳକ୍ରୀଡ଼ାର ମଧ ସୁବିଧା ଯୋଗାଇ ଦିଆଯାଇଥାଏ । ଖାସ୍ ସେଥିପାଇଁ ତ ଟୁରିଷ୍ଟ ସିଜିନ୍ ଆସିଗଲେ ଏଠାରେ ଦିନକୁ ଦିନ ପର୍ଯ୍ୟଟକଙ୍କର ଭିଡ଼ ବଢିବାକୁ ଲାଗେ ।

### ଅରମ୍ବୋଲ ବିଚ୍‌ର ଆକର୍ଷଣ

ଶାନ୍ତ ପରିବେଶ ସାଙ୍ଗକୁ ମୁଖ୍ୟତଃ ବିଚ୍ ପାର୍ଟି ପାଇଁ ଏହି ସ୍ଥାନର ଖୁବ୍ ଲୋକପ୍ରିୟତା ରହିଛି ପର୍ଯ୍ୟଟକଙ୍କ ଗହଣରେ । ଉଭୟ ଡେ ପାର୍ଟି ହେଉ କି ନାଇଟ୍ ପାର୍ଟି, ଏଠାରେ ଏ ସବୁର ଖୁବ୍ ସୁନ୍ଦର ଭାବେ ଆୟୋଜନ କରାଯାଇଥାଏ । ଖାସ୍ କରି ଏହି ପାର୍ଟିଗୁଡ଼ିକରେ ସୁମଧୁର ସଙ୍ଗୀତର ତାଳେ ତାଳେ ଝୁମିଯିବାର ମଜା ଭାରି ନିଆରା ଲାଗେ । କେବଳ ସେତିକି ନୁହେଁ, ଏହି ବେଳାଭୂମିରେ ବସି ସୂର୍ଯ୍ୟାସ୍ତର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ବି ଅନେକଙ୍କୁ ଆକର୍ଷିତ କରିଥାଏ । ସେହିପରି ଏହି ବିଚ୍‌ରେ ସନ୍ ବାଥ୍‌ର ମଜା ନେବା ବି ଅନେକଙ୍କର ମନ ମୋହି ନେଇଥାଏ ।

### ଅନ୍ୟାନ୍ୟ ଆକର୍ଷଣ

* ଅରମ୍ବୋଲ ବିଚ୍ ନିକଟରେ କେତୋଟି ଛୋଟ ଛୋଟ ପାହାଡ ରହିଥିବାର ଦେଖାଯାଏ । ପର୍ଯ୍ୟଟକ ଏଠାରେ ଟ୍ରେକିଂ କରିବାର ମଜା ନେଇପାରିବେ ।
* ଏହି ବିଚ୍‌ରେ ସୁଇମିଂ ପାଇଁ ବି ସୁବିଧା ରହିଛି । ହେଲେ ବର୍ଷାଦିନେ ଏଠାରେ ସୁଇମିଂ କରିବା ବିପଦପୂର୍ଣ୍ଣ ହୋଇଥାଏ ।
* ବିଚ୍ ନିକଟରେ କେତୋଟି ଛୋଟ ଛୋଟ କଟେଜ୍ ରହିଛି ; ଯେଉଁଠାରେ ସୁସ୍ୱାଦୁ ସି-ଫୁଡ୍ ବେଶ୍ ସୁଲଭ ମୂଲ୍ୟରେ ମିଳିଥାଏ ।
* ପର୍ଯ୍ୟଟକଙ୍କ ରହିବା ପାଇଁ ଏଠାରେ କମ୍ ଦାମ୍‌ରୁ ଆରମ୍ଭ କରି ହାଇଫାଇ ରିସୋର୍ଟ ହେଉ କି ହୋଟେଲ୍‌ର ସୁବିଧା ମଧ ରହିଛି ।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ ଅକ୍ଟୋବରରୁ ମାର୍ଚ୍ଚ ହେଉଛି ଏଠାକୁ ବୁଲି ଯିବା ପାଇଁ ସବୁଠୁ ଭଲ ସମୟ । କାରଣ ଏହି ସମୟରେ ଗୋଆରେ ଟୁରିଷ୍ଟ ସିଜିନ୍ ବେଶ୍ ଭଲ ଚାଲିଥାଏ । ତା'ଛଡ଼ା ଏହି ସମୟ ଭିତରେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ସମ୍ପୂର୍ଣ୍ଣ ଅନୁକୂଳ ରହିଥାଏ । ସେହିପରି ଏଠାକୁ ଯିବାପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ ଭଲ ସୁବିଧା ରହିଛି । ନିଜ ବଜେଟ୍‌କୁ ଦେଖି ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଏହି ବିଚ୍‌ରେ ପହଞ୍ଚିପାରିବେ ।





# କ୍ଷୀରର ରଙ୍ଗ ଧଳା କାହିଁକି

**ଛୋଟରୁ ବଡ଼ ସମସ୍ତେ ପିଅନ୍ତି କ୍ଷୀର। କାରଣ କ୍ଷୀର ଶରୀର ପାଇଁ ବେଶ୍ ଉପକାରୀ। ହେଲେ କେବେ ଭାବିଛନ୍ତି ଏଇ କ୍ଷୀରର ରଙ୍ଗ ଧଳା କାହିଁକି? ଲାଲ, ନୀଳ ଅବା ଅନ୍ୟ କୌଣସି ରଙ୍ଗର କାହିଁକି ନୁହେଁ। ଜାଣନ୍ତୁ ସେ ସମ୍ପର୍କରେ..**



କ୍ଷୀର ଧଳାରଙ୍ଗର ହୋଇଥାଏ ଏଥିରେ ଥିବା ଧଳାରଙ୍ଗର କ୍ୟାସିନ୍ ଯୋଗୁ। କ୍ୟାସିନ ହେଉଛି କ୍ଷୀରରେ ଥିବା ମୁଖ୍ୟ ପ୍ରୋଟିନ ଭିତରୁ ଗୋଟିଏ। ଏହି କ୍ୟାସିନ କ୍ଷୀରରେ ଥିବା କ୍ୟାଲସିୟମ ଏବଂ ଫସଫେଟ୍ ସହ ମିଶି ଛୋଟ ଛୋଟ କଣିକା ତିଆରି କରିଥାଏ, ଯାହାକୁ ମିସେଲ କୁହାଯାଏ। ଯେତେବେଳେ ଏହି ମିସେଲ ଉପରେ ଆଲୋକ ପଡେ ତାହାର ଗତି ବକ୍ର ହୋଇ ବିଚ୍ଛୁରିତ ହୋଇଯାଏ। ଅର୍ଥାତ୍ ଏହା ସବୁ ଲାଇଟ୍ ୱେଭଲେନ୍ଥକୁ ପ୍ରତିଫଳିତ କରିଦିଏ କାହାକୁ ଗ୍ରହଣ କରେନା। ଏହି କାରଣ ଯୋଗୁ କ୍ଷୀର ଧଳାରଙ୍ଗର ଦେଖାଯାଏ। ଏହାବାଦ କ୍ଷୀରରେ ଥିବା ଫ୍ୟାଟ ବି କ୍ଷୀର ଧଳା ଦେଖାଯିବାର ଅନ୍ୟତମ କାରଣ। କ୍ଷୀରର ମୁଖ୍ୟ ଉପାଦାନ ହେଉଛି ପାଣି ଯାହା ୮୭% ଥାଏ। ଏହାବାଦ ଏଥିରେ ଫ୍ୟାଟ, ପ୍ରୋଟିନ, ଲାକ୍ଟୋଜ୍, ମିନେରାଲ୍ସ ଓ ଭିଟାମିନ୍ସ ଥାଏ। ଯାହାକି କ୍ଷୀରର ରଙ୍ଗ ଉପରେ ପ୍ରଭାବ ପକାଇଥାଏ। କ୍ଷୀରରେ ଥିବା ଫ୍ୟାଟ ଓ ପ୍ରୋଟିନର ମଲିକ୍ୟୁଲ ଲାଇଟ୍‌ର ୱେଭଲେନ୍ଥକୁ ଏଭଳି ମାତ୍ରାରେ ପ୍ରତିଫଳିତ କରେ ଯେ, କ୍ଷୀର ଧଳାରଙ୍ଗର ଦେଖାଯାଏ। ଯଦି କ୍ଷୀରରୁ କିଛି ଫ୍ୟାଟ ବାହାର କରି ଦିଆଯାଏ ତେବେ କ୍ଷୀରର ରଙ୍ଗ ଟିକେ ବଦଳିଯିବ। କାରଣ ଆଲୋକ, ଭିନ୍ନ ୱେଭ ଲେନ୍ଥ ଆଖିକୁ ପ୍ରତିଫଳିତ କରାଏ। ସେଥିପାଇଁ ସ୍କିମ ମିଲ୍କ ସାମାନ୍ୟ ନୀଳ ଦେଖାଯାଏ। ଏହାବାଦ ନଜର କରିଥିବେ ମଇଁଷୀ କ୍ଷୀର ଅପେକ୍ଷା ଗାଈ କ୍ଷୀର ଟିକେ ହଳଦିଆ ଦେଖାଯାଏ। ଏହାର କାରଣ ହେଉଛି ମଇଁଷୀ କ୍ଷୀର ଅପେକ୍ଷା ଗାଈ କ୍ଷୀର ପତଳା ଓ ଏଥିରେ ଫ୍ୟାଟ ମାତ୍ରା କମ୍ ଥାଏ। ତା'ସହ କ୍ୟାସିନ ମାତ୍ରା ବି ଏଥିରେ କମ୍ ଥାଏ।

ଗାଈ କ୍ଷୀରରେ କ୍ୟାଲସିୟମ ସହ ପ୍ରୋଟିନ ବି ଥାଏ। ଏହି ପ୍ରୋଟିନ ଭିତରୁ ଗୋଟିଏ ପ୍ରୋଟିନ ହେଉଛି କ୍ୟାରୋଟିନ। ଏହି ପ୍ରୋଟିନ ପାଇଁ ମଧ୍ୟ ମଇଁଷୀ କ୍ଷୀର ଅପେକ୍ଷା ଗାଈ କ୍ଷୀର ସାମାନ୍ୟ ହଳଦିଆ ଦେଖାଯାଏ।





# ବୟସ ୭୦, ଲାଗନ୍ତି ଯୁବକ

କୁହାଯାଏ ଯୁବାବସ୍ଥାରେ ହିଁ ମଣିଷ ଅଧିକ ଆକ୍ଟିଭ ରୁହନ୍ତି। କଠିନରୁ କଠିନ କାମ କରିପାରନ୍ତି। ଦୌଡା ଦୌଡି, ଡିଆଁଡେଇଁ ସବୁ କରିପାରନ୍ତି। ହେଲେ ବୟସ ବଢିବା ସହ ଶରୀରର ବଳ କମିବାକୁ ଲାଗେ। ବିଭିନ୍ନ ପ୍ରକାରର ରୋଗ ମାଡିବସେ। ବସିବା ଉଠିବା ବି କଷ୍ଟକର ହୋଇଯାଏ। କିନ୍ତୁ ଚାଇନା, ଶାଙ୍ଗକ୍ୱିଙ୍ଗ ସିଟିର ଜୋଉ ହେପିଙ୍ଗଙ୍କ କଥା ହିଁ ଅଲଗା। ବୟସ ତାଙ୍କୁ ୭୦ ବର୍ଷ। ହେଲେ ତାଙ୍କ ଫିଟନେସ୍ ଓ ଫୁର୍ତ୍ତିକୁ ଦେଖିଲେ ଯେ କେହି ଚକିତ ହୋଇଯାଆନ୍ତି। ଏଇ ବୟସରେ ସେ ଫଟାଫଟ ପାହାଡ ଚଢିପାରନ୍ତି, ଖମ୍ବ ଚଢି ଯାଆନ୍ତି, ହାଣ୍ଡ ଷ୍ଟାଣ୍ଡ ବି କରିପାରନ୍ତି। ପୁଲ ଅପ୍, ପୁଶ୍ ଅପ୍ ତ ଏତେ ସହଜରେ କରନ୍ତି ଯେ ବିଶ୍ୱାସ କରି ହୁଏନା ତାଙ୍କ ବୟସ ୭୦ ବୋଲି। ଆଉ ଏସବୁକୁ ଜୋଉ ପ୍ରତିଦିନ କରନ୍ତି। ଜୋଉ କହନ୍ତି, 'ପ୍ରତିଦିନ ମୁଁ ସକାଳ ସାଢେ ପାଞ୍ଚରେ ଉଠି ୨୦ ଲିଟର ପାଣି ଧରି ଖାଲି ପାଦରେ ଦୌଡ଼େ। ୨୫୦୦ ସିଡି ୫୦ ମିନିଟରେ ଚଢେ ଏବଂ ଓହ୍ଲାଏ। ଯେକୌଣସି ଋତୁ ହେଉ ପଛେ ସବୁଦିନ ମୁଁ ଏସବୁ କରେ।' ଏଭଳି ଜୀବନଶୈଳୀ ଲାଗି ହିଁ ୭୦ ବର୍ଷ ବୟସରେ ତାଙ୍କର ସିକ୍ସ ପ୍ୟାକ ଆବ୍ସ ଅଛି। ଆଉ ଦେଖାଯାଆନ୍ତି ପୁରାପୁରି ୨୫-୩୦ ବର୍ଷ ବୟସର ଯୁବକ ପରି।

# ପିଏଚ୍ ବିସମ୍ବାଦ



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

**ଥ**ରେ ଗୋଟିଏ ସଭାରେ ଅତିଥି ପରିଚୟ ଦେଉଥିବା ବ୍ୟକ୍ତି ମଞ୍ଚାସୀନ ଜଣେ ବିଶିଷ୍ଟ ସାହିତ୍ୟିକଙ୍କ ପରିଚୟ ଦେଲାବେଳେ ନାମ ପୂର୍ବରୁ 'ଡକ୍ଟର' ଲଗେଇଦେଲେ। ଏହାପରେ ଅତିଥି ତାଙ୍କ ଭାଷଣରେ କହିଲେ-''ଲୋକେ ଭାବନ୍ତି ଜଣେ 'ଡକ୍ଟର' ନ ହେଲେ ସାହିତ୍ୟରେ ପ୍ରସିଦ୍ଧି ପାଇବ ନାହିଁ। ଅବଶ୍ୟ ଏହା ପରିଚୟ ପ୍ରଦାନ କରୁଥିବା ବ୍ୟକ୍ତିଙ୍କ ଭୁଲ୍ ନୁହେଁ। ଓଡ଼ିଆ ସାହିତ୍ୟର ବିଶେଷ କରି ପ୍ରବନ୍ଧ ସାହିତ୍ୟ ଅନେକ ବର୍ଷଧରି ଏହି 'ଡକ୍ଟର' ମାନଙ୍କ କବ୍‌ଜାରେ ଯେହେତୁ ରହିଆସିଛି, ମୁଁ କୌଣସି ପିଏଚ୍‌ଡି କରିନି କି ତାହାର ଆଶ୍ୟକତା ଅନୁଭବ କରିନି।'' ଚାରି ପ୍ରକାରର ଲୋକ ନିଜ ନାମ ପୂର୍ବରୁ ଡକ୍ଟର ଉପାଧି ଲଗେଇବାର ଦେଖାଯାଏ । ଜଣେ ଡାକ୍ତରୀ ବିଦ୍ୟା ପଢିଥିବା ଲୋକ । ଦ୍ୱିତୀୟରେ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ଅନେକ ବର୍ଷର କଷ୍ଟସାଧ ଗବେଷଣା କରି କୌଣସି ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ପିଏଚ ଡିଗ୍ରୀ ପାଇଥିବା ଲୋକ । ତୃତୀୟରେ ଗାଁ ଗହଳିରେ ବ୍ୟାଗରେ ବିଭିନ୍ନ ପ୍ରକାର ଚେରିମୂଳି , ଏଲୋପାଥି ଗୋଲି ଧରି ବୁଲୁଥିବା ସ୍ୱଘୋଷିତ ଡାକ୍ତର ବା କ୍ୱାକ । ଏବଂ ଚତୁର୍ଥରେ ନିଜର ଏକ ବିଶେଷ କୃତି ପାଇଁ କୌଣସି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡି ଲିଟ ପାଇଥିବା ଲୋକ । ସମସ୍ତେ ଜାଣନ୍ତି ପ୍ରଥମ ଓ ଦ୍ୱିତୀୟ ଅର୍ଥାତ ସିଧାସଳଖ ମାର୍ଗ ମାଧମରେ ଡକ୍ଟର ଉପାଧି ପାଇବାର ମାର୍ଗ ବହୁତ ଲମ୍ବା ଓ କଠିନ। ତୃତୀୟ ମାର୍ଗଟି ଅସାମ୍ବିଧାନିକ ତଥା ସମାଜ ପାଇଁ କ୍ଷତିକାରକ। ଚତୁର୍ଥଟି ଦେଶ ଜାତି ଯୋଗ୍ୟତା ନିର୍ବିଶେଷରେ ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଆମର ଚିନ୍ତା କରିବାଠାରୁ ଆହୁରି କ୍ଷିପ୍ର ଗତିରେ ଯୁଗ ବଦଳୁଛି । ଅଧୁନା ଚଟ ମଙ୍ଗନି ପଟ ବିବାହ ଯୁଗରେ କାହା ପାଖରେ ସମୟ ଅଛି ଦୀର୍ଘ ଗବେଷଣା କରିବାକୁ !! ଉଦାର ବଜାରବାଦର ଲାଭ ଏତିକି ଯେ ଜଣେ ଚାହିଁଲେ ଘରେ ବସି ବିନା ପରିଶ୍ରମରେ ସବୁ ପ୍ରକାର ସ୍ୱପ୍ନକୁ ସାକାର କରିପାରିବ । ଖାଲି ପାଖରେ ଆବଶ୍ୟକ ମୁତାବକ ଧନ ଥିବା ଦରକାର । କଥାରେ ଅଛି ପାଖରେ ଧନ ଥିଲେ ଚିଡିଆଖାନାରୁ ମହାବଳ ବାଘ ଆସି ହାତ ମିଳେଇକି ଯିବ, ଡକ୍ଟରେଟ ସମ୍ମାନ ଏମିତି କେଉଁ ବଡ଼ କଥା କି ! ଏବେ ଅନେକ ସଂସ୍ଥା ଦୋକାନ ଖୋଲି ବସିଛନ୍ତି । ଆପଣ ତାଙ୍କୁ ଖାଲି ବିଷୟ କହିଦେଲେ ସେମାନେ ଆପଣଙ୍କ ପାଇଁ ଥେସିସ ଲେଖିଦେବେ । କମ୍ପୁଟରରେ ଫର୍ମାଟ ଅଛି କେବଳ ଡାଟା ଭର୍ତ୍ତି କରିଲେ ଦିନକ ଭିତରେ ପିଏଚଡି ଥେସିସ ରେଡି । ଆପଣ ଖାଲି ଦସ୍ତଖତ କରି ଦାଖଲ କରିବେ । ତା'ପରେ ଡିଗ୍ରୀ ପାଇବା ପାଇଁ ଯାହା ଆନୁଷଙ୍ଗିକ ସେଟିଙ୍ଗର ଆବଶ୍ୟକ ତାହା ସମ୍ପୃକ୍ତ ସଂସ୍ଥାର । ଯଦି ଏସବୁ ଆପଣଙ୍କୁ ଅଧିକ ଖର୍ଚ୍ଚ ଲାଗୁଛି ତେବେ ଆଉ ଗୋଟେ ସରଳ ଉପାୟ ଅଛି । ଦେଶରେ ଅନେକ ସଂସ୍ଥା ବିଶ୍ୱବିଦ୍ୟାଳୟ ଖୋଲି ବସିଛନ୍ତି । ଆପଣ ତାଙ୍କ ମୁତାବକ ଟଙ୍କା ଦେଲେ ହାତେ ହାତେ ଆପଣଙ୍କୁ ସମ୍ମାନଜନକ ଡକ୍ଟରେଟ ବା ଅନେରାରୀ ଡିଲିଟ ସାର୍ଟିଫିକେଟ ଧରେଇଦେବେ । ଯଦି ଏହା ମଧ ଆପଣଙ୍କୁ କଷ୍ଟ ହେଉଛି ତେବେ ଆଫ୍ରିକାର କୌଣସି ଏକ ବିଶ୍ୱବିଦ୍ୟାଳୟରୁ ଅନ୍‌ଲାଇନ ସମ୍ମାନଜନକ ଡି ଲିଟ ଡିଗ୍ରୀ ପାଇବା ବ୍ୟବସ୍ଥା ମଧ ଉପଲବ୍ଧ ଅଛି । ଅନ୍‌ଲାଇନରେ ଟଙ୍କା ଦେବେ ଅନ୍‌ଲାଇନରେ ସାର୍ଟିଫିକେଟ ଆସିବ, ଆପଣ ତାକୁ କେବଳ ଡାଉନଲୋଡ଼ କରିବେ । ଆଉ ତା'ପରେ ଭଡାରେ ମିଳୁଥିବା କଳା ଗାଉନ ଓ ମୁଣ୍ଡରେ ଟୋପି ପିନ୍ଧି ହାତରେ ସାର୍ଟିଫିକେଟ ଧରି ବିଭିନ୍ନ ମୁଦ୍ରାର କିଛି ଫଟୋ ଉଠେଇ ସାମାଜିକ ଗଣମାଧମରେ ଛାଡିଦେଲେ ଆପଣ ଡକ୍ଟର ଅମୁକ ହେବାର ପରିଚୟ ପାଇଗଲେ ଜାଣ । ଏହା ସହ ଖବରକାଗଜରେ ଫଟୋ ସହ ବିଜ୍ଞାପନଟିଏ ମଧ ଦେଇପାରିବେ । ବିଜ୍ଞାପନଟି ଏପରି ଲେଖା ହୋଇଥିବା ଦରକାର ଯେମିତି ପଢିଲେ ଲାଗିବ ଅମୁକଙ୍କ ପୁଅ, ସମୁକଙ୍କ ଜ୍ୱାଇଁ, ଗାଁଲୋକଙ୍କ ଧରମ ଭିଣେଇ, ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ଡକ୍ଟରେଟ ପାଇଥିବା ହେତୁ ସ୍ତ୍ରୀ ପିଲା ଭାଇ ଭାଉଜ ବନ୍ଧୁବାନ୍ଧବ ଓଗେର ସମସ୍ତେ ଗର୍ବିତ । ଜୋ ଜିତା ୱହି ସିକନ୍ଦର । ଥରେ ଡକ୍ଟରେଟ ଡିଗ୍ରୀ ପାଇଲା ପରେ କିଏ ଦେଖୁଛି ଏଇଟା ଉତ୍କଳ ନା ଉଗାଣ୍ଡା ବିଶ୍ୱବିଦ୍ୟାଳୟରୁ




ପ୍ରାପ୍ତ । ଏପରି ଲୋକଙ୍କୁ ଜାଣିଛି ଯାହାଙ୍କ ପଡିଶା ଘର ଲୋକ ଜାଣିନାହାନ୍ତି ଯେ ତାଙ୍କ ପାଖ ଘରେ ରହୁଥିବା ଲୋକ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଦୂର ପେରୁଭିଆନ ଆଣ୍ଡିସରୁ ଡକ୍ଟରେଟ ପାଇଛନ୍ତି । ସେହିପରି ଗାଏ ମୋଟ ଚାରିଟି କବିତା ଲେଖିଥିବା ମୋର ଜଣେ ବନ୍ଧୁ ନିକଟରେ ବିହାରର ଗୋଟେ ବିଶ୍ୱବିଦ୍ୟାଳୟରୁ ଆଜୀବନ ସାହିତ୍ୟସେବା ପାଇଁ ସମ୍ମାନଜନକ ଡକ୍ଟରେଟ ପାଇଛନ୍ତି । କାଳେ କିଏ ତାଙ୍କୁ ଛୋଟ କବି ଭାବି ଅଣଦେଖା କରିବ ସେଥିପାଇଁ ସମସ୍ତଙ୍କୁ ଜଣେଇବା ପାଇଁ ସେ ଏବେ ଦସ୍ତଖତରେ ବି ନିଜ ନାଁ ସହ 'ଡକ୍ଟର' ଲେଖୁଛନ୍ତି । ଆପଣଙ୍କୁ ମିଛ ମୋତେ ସତ, ମୋର ମଧ ଅନେକଦିନରୁ ଗୋଟିଏ ଅବଦମିତ ସ୍ୱପ୍ନ ଥିଲା ଡକ୍ଟର ଉପାଧିଟିଏ ନାଁ ଆଗରେ ଲଗେଇବାକୁ। ପିଲାଟି ଦିନରୁ ବଙ୍କା ଆଙ୍ଗୁଠିରେ ଘିଅ ବାହାର କରିବା ଅପେକ୍ଷା କଷ୍ଟସାଧ ସିଧା ଆଙ୍ଗୁଠିରେ ଘିଅ ବାହାର କରି ସମୟ ଅପଚୟ କରିବାର ମନ୍ଦ ଅଭ୍ୟାସଟି ମୋର ଅଛି । ତେଣୁ ସହଜରେ ପ୍ରାପ୍ତ ସମ୍ମାନଜନକ ଡି ଲିଟ ଯୋଗାଡ଼ କରିବା ଅପେକ୍ଷା ବିଧିବଦ୍ଧ ଗବେଷଣା କରି ଡକ୍ଟରେଟ ପାଇବା ପାଇଁ ଇଚ୍ଛା କରି ସମୟ ଅଭାବରୁ ଆଜି ଯାଏଁ ଏ ସ୍ୱପ୍ନକୁ ନିଜ ଭିତରେ ରଖିଥିଲି । ଏଇ କିଛି ଦିନ ତଳେ ଥରେ ଘରଣୀଙ୍କୁ ମୋର ଅଧୁରା ସ୍ୱପ୍ନ ବିଷୟରେ କହିଲି । ଘରଣୀ ଫେଁ କିନା ହସି କହିଲେ ''ତୁମ ନାଁ ଓ ଯୋଗ୍ୟତାକୁ ଡକ୍ଟର ଉପାଧି ଶୋଭା ଦିଶିବନି। ଅଯଥାରେ କାହିଁକି ନାଁ ଆଗରୁ ଡକ୍ଟର ଲେଖି ଏକ ସମ୍ମାନଜନକ ଉପାଧିକୁ ହାସ୍ୟାସ୍ପଦ କରିବ ବରଂ ନାଁ ଶେଷରେ ପିଏଚଡି ଲେଖ ସେଇଟା ଅଧିକା ମାନିବ।'' ଆରେ ମୁଁ ସେଇ ପିଏଚଡି କରିବା କଥା ତ କହୁଛି। ଥାଉ ହେ ତୁମର ପିଏଚଡି । ବାହାଘରର ଅଳ୍ପ ଦିନ ଭିତରେ ତୁମେ ଜଣେ ପକ୍କା ପିଏଚ ଅର୍ଥାତ 'ପରମାନେଣ୍ଟ ହେଡ ଡ୍ୟାମେଜ' ବୋଲି ଜାଣିଯାଇଥିଲି। ସେହି ଦିନୁ ନିଜ ଭାଗ୍ୟକୁ ଆଦରି ପଡି ରହିଛି । ଡବଲ ପିଏଚଡି କରି ତୁମର ପୂର୍ବରୁ ଡ୍ୟାମେଜଡ଼ ହେଡ୍‌କୁ ଆଉ ଅଧିକ ଡ୍ୟାମେଜ କରନି ।'' ସେହି ଲୋକର ବଡଁଶ ବୁଢୁ ଯିଏ କହିଥିଲା ସବୁ ସଫଳ ପୁରୁଷଙ୍କ ପଛରେ ଜଣେ ନାରୀର ଭୂମିକା ଥାଏ । ଶଃ ଯଦି କେବେ ରାସ୍ତାରେ ଭେଟ ହୁଅନ୍ତା ତେବେ କଲର ଧରି ତାକୁ ଭିଡି ଭିଡି ଘରକୁ ଆଣି ଆମ୍ଭ ବୁଦ୍ଧିମତୀଙ୍କୁ ଦେଖାନ୍ତି। ସମସ୍ତ ଯୋଗ୍ୟତା ଥାଇ ଆଜି ଯାଏଁ ଯଦି ମୁଁ ନୋବେଲ ପୁରସ୍କାର ପାଇବାରେ ସଫଳ ହୋଇନି ତେବେ ତାହା ପଛରେ ଏହି ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି । ଘରୁ କୌଣସି ଉତ୍ସାହ ନ ପାଇ ବହୁତ ପଚରା ଉଚରା ପରେ ପିଏଚଡି ପାଇଁ ଜଣେ ଶସ୍ତା ସୁନ୍ଦର ମଜଭୁତ ଗାଇଡ୍‌ଙ୍କ ପାଖରେ ପହଞ୍ଚିଲି ।

ଗାଇଡ୍ ଗମ୍ଭୀର ହୋଇ ପଚାରିଲେ, କ'ଣ କିଛି ବିଷୟ ବାଛିଛ? ମୁଁ କହିଲି, ଏତେ ଏତେ ବିଷୟରେ ଗବେଷଣା ଚାଲିଛି ପ୍ରତିଦିନ ଯେ ଶହ ଶହ ସଂଖ୍ୟାରେ ପିଏଚ ଡିଗ୍ରୀ ଧାରୀ ବାହାରୁଛନ୍ତି । ମୋତେ ଲାଗୁନି ପୃଥିବୀରେ ଆଉ କୌଣସି ବିଷୟ ବଞ୍ଚିଛି; ଯାହା ଉପରେ ପିଏଚଡି ଡିଗ୍ରୀ ପାଇଁ ଗବେଷଣା ହୋଇନି । ମୁଁ ବଡ଼ ଦ୍ୱନ୍ଦ୍ୱରେ ଅଛି । ଆପଣ ସାହାଯ୍ୟ କରନ୍ତୁ । ମୋ କଥା ଶୁଣି ଗାଇଡ୍ ହସି କହିଲେ, ତୁମ ଭଳି ସ୍ୱଳ୍ପ ବୁଦ୍ଧିଆ ଲୋକମାନଙ୍କ ଯୋଗୁଁ ଆଜି ରାଜ୍ୟ ଉନ୍ନତି କରିପାରୁନି। ବୁଝିଲ ଏଯାବତ୍ ଯେତିକି ଗବେଷଣା ହେଲାଣି ତାହା ଶତକଡା ଏକ ଭାଗରୁ ବି କମ୍ । ବିଷୟ ଭିତରେ ବିଷୟ ତା' ଭିତରେ ବିଷୟ , ବିଷୟ ଉପରେ ବିଷୟ , ସାରା ପୃଥିବୀ ବିଷୟମୟ ଆଉ ତୁମକୁ ପିଏଚଡି ପାଇଁ ବିଷୟ ମିଳୁନି !!! ହେଇ ଦେଖ ମୋର ଜଣେ ଛାତ୍ର ନିର୍ମୂଳୀ ଲତାର ଚେର ନାହିଁ ବୋଲି ଗବେଷଣା କରି ସଦ୍ୟ ଡକ୍ଟରେଟ ପାଇଛି । ତା' ଥେସିସ ନେଇ ତୁମ ଭାଷାରେ ତାକୁ ଟିପି ଦିଅ । ବିଷୟର ନାଁ ମୁଁ କହିଦେବି । ଖାଲି ସାମାନ୍ୟ ଟିକେ ବୁଦ୍ଧି ଖଟେଇଲେ କେବଳ ନିର୍ମୂଳୀ ଲତାର ଚେର ଖୋଜିବା ଉପରେ ଆହୁରି ଶହେଟା ପିଏଚଡି ଥେସିସ ଲେଖା ଯାଇ ପାରିବ । ତୁମେ କେବଳ ୟୁଜିସିରେ ପଞ୍ଜୀକରଣ କଥା ବୁଝ । ଠିକ ତିଥିବାର ଦେଖି ଠିକ ଭଗବାନଙ୍କ ପାଖରେ ହାତଖୋଲା ନୈବେଦ୍ୟ ଅର୍ପଣ କଲେ ମାସ କେଇଟା ଭିତରେ ତୁମ ଡକ୍ଟରେଟ ଥୁଆ ।

ଆମ ରାଜ୍ୟରେ ପ୍ରତିବର୍ଷ ବହୁ ସଂଖ୍ୟକ ପିଏଚଡି ବାଲା 'ଡକ୍ଟର' ବାହାରୁଥିଲେ ମଧ ଅନ୍ୟ ରାଜ୍ୟ ତୁଳନାରେ ସେ ସଂଖ୍ୟା ଖୁବ୍ ନଗଣ୍ୟ । ଏହାକୁ ଚିନ୍ତାକରି ଏବେ ସରକାର 'ମୋ ଡକ୍ଟରେଟ ଯୋଜନା' କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଯୋଜନା ଅନ୍ତର୍ଗତ ପ୍ରତି ଘରେ ଅନ୍ତତଃ ଜଣଙ୍କୁ ପିଏଚଡି ପାଇଁ ଆର୍ଥିକ ସହାୟତା ସହ ପ୍ରତିମାସରେ 'ଡକ୍ଟରେଟ ମେଳା' ଆୟୋଜନ କରି ଏହି ପାବନ ମାଟିରେ ଜନ୍ମଗ୍ରହଣ କରି ରାଜ୍ୟକୁ ଧନ୍ୟ କରିଥିବାରୁ ସମସ୍ତଙ୍କୁ 'ମୋ ବିଶ୍ୱବିଦ୍ୟାଳୟ' ତରଫରୁ ସମ୍ମାନଜନକ ଡକ୍ଟରେଟ ସାର୍ଟିଫିକେଟ ବଣ୍ଟାଯିବ । ଆଗାମୀ ଦଶନ୍ଧି ଭିତରେ ରାଜ୍ୟକୁ ଡକ୍ଟରମୟ କରିବାକୁ ଯୁବସମାଜ ବଦ୍ଧପରିକର ହୋଇ କାମ କରିବା ସହ ଯୋଜନାର ଲାଭ ଉଠେଇବାକୁ ସରକାର ଆହ୍ୱାନ ଦେଇଛନ୍ତି ।

*-ବନମାଳୀ ଭବନ, ଖାନ ନଗର, କଟକ*
*ମୋ:୯୯୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ନାଟ୍ୟଚର୍ଚ୍ଚା ଓ ଚର୍ଚ୍ଚିତ ନାଟକ

**ଡକ୍ଟର ନୃସିଂହ ଷଡ଼ଙ୍ଗୀ**
**ପ୍ରକାଶକ- ଏଥେନା ବୁକ୍‌ସ**
**ଭୁବନେଶ୍ୱର-୨, ମୂଲ୍ୟ-୩୦୦ଟଙ୍କା**


**ଆ**ଲୋଚ୍ୟ ପୁସ୍ତକରେ ୧୨ଟି ବିଷୟରେ ଆଲୋଚନା କରାଯାଇଛି। ସେଗୁଡିକ ମଧରେ ନାଟକର ରୂପତତ୍ତ୍ୱ ଓ ପରିକ୍ରମଣ,ନାଟ୍ୟ ସାହିତ୍ୟର ବିକାଶ ଧାରା, ରଙ୍ଗ ମଞ୍ଚର ଇତିହାସ ଓ ପରେ ଓଡ଼ିଶାର ବିଶିଷ୍ଟ ନାଟ୍ୟକାରଙ୍କ ନାଟକ ଉପରେ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି। ପ୍ରମୁଖ ନାଟ୍ୟକାରଙ୍କ ମଧରେ ଅଶ୍ୱିନୀ ଘୋଷଙ୍କ ଗୋବିନ୍ଦ ବିଦ୍ୟାଧର, କାଳୀଚରଣଙ୍କ ଭାତ, କାଳିନ୍ଦୀ ପାଣିଗ୍ରାହୀଙ୍କ ପ୍ରିୟଦର୍ଶୀ, ରାମଚନ୍ଦ୍ର ମିଶ୍ରଙ୍କ ନରୋତ୍ତମ ଦାସ କହେ, ଭଞ୍ଜ କିଶୋର ପଟ୍ଟନାୟକଙ୍କ ଜୟମାଲ୍ୟ, ଗୋପାଳ ଛୋଟରାୟଙ୍କ ଭରଷା, ବିଜୟ ମିଶ୍ରଙ୍କ ଅଶାନ୍ତ ଗ୍ରହ ବିଷୟରେ ଷଡ଼ଙ୍ଗୀ ଚମତ୍କାର ଭାବେ ଉପସ୍ଥାପନା କରିଛନ୍ତି । ଯେଉଁଥିରେ ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ସମ୍ପର୍କରେ ଆଲୋଚନା କରାଯାଇଛି। ପୁସ୍ତକଟି ଗବେଷଣା ପାଇଁ ସାହାଯ୍ୟ କରିବ।




### ସନ୍ଥ ସୁଧା

**ଡକ୍ଟର ଭି.ରାଜେନ୍ଦ୍ର ରାଜୁ**
**ପ୍ରଭାତ ପବ୍ଲିକେଶନ, ବ୍ରହ୍ମପୁର-୧, ମୂଲ୍ୟ-୫୦୦ଟଙ୍କା**

**ଏ**ଥିରେ ୫ଜଣ ସିଦ୍ଧ ପୁରୁଷଙ୍କ ଜୀବନୀ ଓ ସମ୍ପୂର୍ଣ୍ଣ ବିବରଣୀ ସ୍ଥାନୀତ ହୋଇଛି। ଏଥିରେ ସନ୍ଥ ଅରକ୍ଷିତ ଦାସ, ରମଣ ମହର୍ଷି, ସ୍ୱାମୀ ଶିବାନନ୍ଦ, ସତ୍ୟ ସାଇ ବାବା ଓ ଶ୍ରୀ ଅରବିନ୍ଦଙ୍କ ଜୀବନୀ ଓ କର୍ମମୟ ଜୀବନର ସମ୍ପୂର୍ଣ୍ଣ ବିବରଣୀ ସ୍ଥାନ ପାଇଛି। ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ଆଲୋଚ୍ୟ ମନୀଷୀ ମାନଙ୍କର ଅବଦାନ ଯଥେଷ୍ଟ। ପ୍ରଥମେ ସନ୍ଥ ଅରକ୍ଷିତଙ୍କ କଥା ଲେଖକ ବର୍ଣ୍ଣନା କରିଛନ୍ତି। ବଡଖେମୁଣ୍ଡି ରାଜ ପରିବାରରେ ଜନ୍ମ ହୋଇ ମଧ ତାଙ୍କୁ କେହି ବାନ୍ଧି ରଖିପାରିଲେ ନାହିଁ। ସେ ତାଙ୍କ ତପସ୍ୟା ଓ ସାଧନା ବଳରେ ପାଲଟି ଗଲେ ସନ୍ଥ ଅରକ୍ଷିତ ଦାସ। ସେହିପରି ସତ୍ୟସାଇ ବାବାଙ୍କର ସାଧନା ଓ ଲୋକହିତକର କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା ହୋଇଛି। ପୁସ୍ତକରେ ଯେ କୌଣସି ମନୀଷିଙ୍କ ଜୀବନୀ ପଢନ୍ତୁ ତାହା ଆପଣଙ୍କୁ ମୋହାଚ୍ଛନ୍ନ କରିବା ସହ ସତ୍‌ପଥରେ ଯିବା ସହ ସତ୍‌କର୍ମ କରିବା ପାଇଁ ପ୍ରେରଣା ଦେବ ।




### ଡିଜିଟାଲ ଉଦ୍ଭାବକଙ୍କ ଜୀବନୀ


**(ଦ୍ୱିତୀୟ ଭାଗ)**
**ଲେଖିକା- ମାଧୁରୀ ଅଧିକାରୀ**
**ପ୍ରକାଶକ- କାବ୍ୟଲୋକ, ଗ୍ୟାରେଜ ଛକ**
**ଭୁବନେଶ୍ୱର-୨, ମୂଲ୍ୟ-୨୫୦ଟଙ୍କା**

**ପୁ**ସ୍ତକରେ ଷ୍ଟିଭ୍ ଜବ୍‌ସ୍, ଜନ୍ କୁମ୍ ଓ ମାର୍କ ଜୁକରବର୍ଗଙ୍କ ପରି ଟେକ୍‌ନୋଲୋଜିରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିବା ବ୍ୟକ୍ତିଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ଷ୍ଟିଭ୍ ଜବ୍‌ସ୍ ଡିଜିଟାଲ ଜଗତର ଏକ ଅମ୍ଳାନ ଜ୍ୟୋତି। ସେ ଆପଲ କମ୍ପ୍ୟୁଟର ଇଙ୍କ୍ ସହ ପ୍ରତିଷ୍ଠା କରି ଟେକ୍‌ନୋଲୋଜି ସଂସ୍କୃତିକୁ ନୂଆରୂପ ଦେଇଛନ୍ତି। ମାର୍କ ଜୁକରବର୍ଗ ବିଶ୍ୱର ସର୍ବ ବୃହତ୍ତ ଲୋକପ୍ରିୟ ସାମାଜିକ ନେଟ୍‌ୱର୍କ ଫେସ୍‌ବୁକ୍‌ର ସହ ପ୍ରତିଷ୍ଠାତା। ସେହିପରି ଜନ୍ କୁମ୍ ୧୭ ବର୍ଷ ବୟସରେ କମ୍ପ୍ୟୁଟର ପ୍ରୋଗ୍ରାମିଂ ଶିକ୍ଷା ପ୍ରତି ଆକୃଷ୍ଟ ହୋଇ ପରେ ଏକ ଆପ୍ ପ୍ରସ୍ତୁତ କରିଥିଲେ ଯାହା ହେଉଛି ହ୍ୱାଟ୍‌ସ୍‌ଆପ୍। ପୁସ୍ତକଟି ସବୁ ବର୍ଗର ପାଠକଙ୍କଠାରୁ ସ୍ୱୀକୃତି ପାଇବା ଆଶା କରାଯାଏ।



# ବ୍ରିଜ ଉପରେ ସହର

ନଦୀର ଦୁଇ ପାର୍ଶ୍ୱକୁ ସଂଯୋଗ କରିବା ଲାଗି ବ୍ରିଜ ବା ପୋଲ ନିର୍ମାଣ କରାଯାଇଥାଏ। ଯଦ୍ୱାରା ସହଜରେ ତା' ଉପରେ ଯାତାୟତ କରିହେବ। ହେଲେ ଚାଇନା, ଚଙ୍ଗକିଙ୍ଗରେ ଥିବା ଲିଜିଆଙ୍ଗ ନଦୀ ଉପରେ ଅଛି ଏମିତି ଏକ ବ୍ରିଜ, ଯାହା ଉପରେ ଗାଡି ଯିବା ଅସମ୍ଭବ। କାରଣ ଉକ୍ତ ବ୍ରିଜ ଉପରେ ଗଢି ଉଠିଛି ଜନବସତି। ଆଉ ଅନେକ ଘର ଲାଇନ୍ ହୋଇଛି ଅଛି ଏହା ଉପରେ। ୪୦୦ ମିଟର ଲମ୍ବ ଏହି ବ୍ରିଜରେ ଥିବା ଘରଗୁଡିକୁ ଚାଇନା ଓ ପାଶ୍ଚାତ୍ୟ ବାସ୍ତୁକଳା ହିସାବରେ ତିଆରି କରାଯାଇଛି। ଫଳରେ ଦୂରରୁ ଏହାର ଦୃଶ୍ୟ ବେଶ୍ ସୁନ୍ଦର ଲାଗେ। ତେଣୁ ଏହି ଅଜବ ବ୍ରିଜ ଏବେ ପର୍ଯ୍ୟଟନସ୍ଥଳ ପାଲଟିଛି।





# ଜୋତା ପିନ୍ଧି ମାରାଥନ ଦୌଡୁଛି ବତକ




ରିଙ୍କଲ ଏକ ସୁନ୍ଦର ବତକ। ଦେଖିବାକୁ ସାଧାରଣ ବତକ ପରି । ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ସେ ଏକ ମାରାଥନ ରନର୍। ୨୦୨୧ରେ ନ୍ୟୁୟର୍କର ୫୦ତମ ସିଟି ମାରାଥନ ଦୌଡରେ ସେ ପାଦରେ ଏକ କ୍ୟୁଟ୍ ଲାଲ ରଙ୍ଗର ଜୋତା ପିନ୍ଧି ହଜାର ହଜାର ଲୋକଙ୍କ ଭିତରେ ଖୁବ ଦ୍ରୁତ ବେଗରେ ଦୌଡୁଥିଲା। ମାରାଥନ୍‌ରେ ମୋଟ ୩୩୦୦୦ ରନର୍ ଥିଲେ। ଆଉ ସେମାନଙ୍କ ଭିତରେ ରିଙ୍କଲ ଥିଲା ଆକର୍ଷଣର କେନ୍ଦ୍ର। ଦ୍ରୁତ ବେଗରେ ସେ ସମସ୍ତଙ୍କ ସହ ତାଳ ଦେଇ ପୁରା ଦମ୍ ଲଗାଇ ଦୌଡୁଥିଲା। ଲୋକେ ତାକୁ ଜୋର୍ ପାଟି କରି ଚିୟର ଅପ୍ କରୁଥିଲେ। ଏହି ମାରାଥନରେ ରିଙ୍କଲର ମାଲିକ ବି ଅଂଶ ଗ୍ରହଣ କରିଥିଲେ। ରେସ୍ ଶେଷରେ ରିଙ୍କଲକୁ ପଦକ ଦେଇ ସମ୍ମାନିତ କରାଯାଇଥିଲା। ରିଙ୍କଲର ଏହି ଭିଡିଓ ଖୁବ୍ ଭାଇରାଲ ହୋଇଥିଲା। ତା'ର ସେଇ ଲାଲ ଜୋତା ବି ସମସ୍ତଙ୍କୁ ବେଶ୍ ଆକର୍ଷକ ଲାଗିଥିଲା। ଏହାପରେ ମଧ୍ୟ ରିଙ୍କଲ ଅନେକ ମାରାଥନ୍‌ରେ ଭାଗ ନେଇଛି। ତେଣୁ ସେ ମାରାଥନ୍ ରନର୍ ବତକଭାବେ ବେଶ ପରିଚିତ।



# ଗଛରୁ ଫଳ ନୁହେଁ ଝୁଲୁଛି ଘଣ୍ଟା

ଦେଖିଥିବେ କିଛି ଗଛରେ ଥରେ ଥରେ ଏତେ ଫଳ ଧରେ ଯେ, ପତ୍ର ବି ଦେଖାଯାଏନା। ତେବେ ଭାରତରେ ଏମିତି ଏକ ଗଛ ଅଛି ଯେଉଁଥିରେ ଫଳ ନୁହେଁ ବରଂ ସେଥିରୁ ଏତେ କାନ୍ଥ ଘଣ୍ଟା ଝୁଲି ରହିଛି ଯେ ପୂରା ଗଛ ହିଁ ଭର୍ତ୍ତି ହୋଇଯାଇଛି। ଆଉ ଏହି ଗଛ ତଳେ ଠିଆ ହେଲେ ପତ୍ରର ସର୍ ସର୍ ଶବ୍ଦ ବଦଳରେ ଶୁଭେ ହଜାର ହଜାର ଘଣ୍ଟାର ଟିକ୍ ଟିକ୍ ଶବ୍ଦ। ଉକ୍ତ ଗଛଟି ଏକ ବିରାଟକାୟ ବରଗଛ, ଯାହାକି ଉଜ୍ଜେନର ଉହ୍ନେଲଠାରୁ ପ୍ରାୟ ୧୦ କି.ମି. ଦୂର ଗୁରାଡିୟା ସାଙ୍ଗା ଗାଁ ନିକଟସ୍ଥ ଏକ ସଡ଼କ ପାର୍ଶ୍ୱରେ ଥିବା ଏକ ମନ୍ଦିର ନିକଟରେ ଅଛି। ଯେଉଁ ମନ୍ଦିରର ନାଁ ହେଉଛି 'ଘଡି ବାଲେ ବାବା କା ସଗସ ମହାରାଜ ମନ୍ଦିର'। ଉକ୍ତ ମନ୍ଦିର ସହିତ ଏକ ଆସ୍ଥା ଜଡ଼ିତ ରହିଛି ଯେ, ଯାହାର ମନୋସ୍କାମନା ପୂର୍ଣ୍ଣ ହୁଏ ସେ ଆସି ଏଠି ଘଣ୍ଟା ବାନ୍ଧିକି ଯାଆନ୍ତି। ତେବେ ଏହି ପରମ୍ପରା କେବେଠୁ ଓ କିଏ ଆରମ୍ଭ କରିଛନ୍ତି କେହି ଜାଣି ନାହାନ୍ତି। ଏବେ ତ ଏହି ଗଛରେ୨୦୦୦ରୁ ଉର୍ଦ୍ଧ୍ୱ ଘଣ୍ଟା ଝୁଲି ରହିଛି। ଫଳରେ ଏହି ଗଛ ଘଣ୍ଟାରେ ଭର୍ତ୍ତି ହୋଇ ଯାଇଛି। ଏହି ମନ୍ଦିରର କେହି ପୂଜକ ନାହାନ୍ତି କି ରକ୍ଷଣାବେକ୍ଷଣ ପାଇଁ କେହି ନାହାନ୍ତି। ଲୋକେ ରାସ୍ତାରେ ଗଲାବେଳେ ଏଠି ମୁଣ୍ଡିଆ ମାରି ମାନସିକ କରି ଯାଆନ୍ତି। ଆଉ ତାହା ପୂରଣ ହେଲେ ଆସି ମନ୍ଦିରର ଏହି ଗଛରେ ଘଣ୍ଟା ବାନ୍ଧନ୍ତି।